ବର୍ଷ-୨୫, ସଂଖ୍ୟା-୧୬୬
ଭୁବନେଶ୍ୱର
୨୦, ଜୁନ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 166
Bhubaneswar
20, June, 2025 Friday
Page-08, Rs.: 2.00


# ମହାଭାରତ


RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ଗର୍ଭବତୀ ପ୍ରଶ୍ନକୁ ନେଇ ବର୍ଷିଲେ ବିଦ୍ୟା ବାଲନ






ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ସେବା
## ସୁଶାସନ
## ଗରିବ କଲ୍ୟାଣ
ପାଇଁ ସମର୍ପିତ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ

ପ୍ରଧାନମନ୍ତ୍ରୀ
## ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା

₹ ୧୮,୬୦୦ କୋଟିର ଭିତ୍ତିଭୂମି ପ୍ରକଳ୍ପର **ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ**

ନୂତନ ରେଳ ସେବା ଏବଂ ୧୦୦ ବ୍ୟାଟେରୀ ଚାଳିତ ବସ୍‌ର **ଶୁଭାରମ୍ଭ**

ବରପୁତ୍ର ସମ୍ମାନ ଯୋଜନାର **ଲୋକାର୍ପଣ**

ଓଡ଼ିଶା ଭିଜନ୍ ୨୦୩୬ | ୨୦୪୭ ପୁସ୍ତିକା **ଶୁଭ ଉନ୍ମୋଚନ**

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ **ପୁସ୍ତିକା ଉନ୍ମୋଚନ**

ଲକ୍ଷପତି ଦିଦିଙ୍କୁ **ସମ୍ବର୍ଦ୍ଧନା ଜ୍ଞାପନ**

୨୦ ଜୁନ୍ ୨୦୨୫ | ଅପରାହ୍ନ ୪ ଘଟିକା | ଜନତା ମଇଦାନ, ଭୁବନେଶ୍ୱର

ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମ୍ପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀଯୁକ୍ତ ଜୁଏଲ ଓରାମ**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓ**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡା**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକା ଗଣ

ସିଧା ପ୍ରସାରଣ: DD News and DD Odia | YouTube: @DD Odia News Official/@DD Odia

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/0713/2526 DADLS-34

## ଚୁଡ଼ା ଖିରୀ



ଆବଶ୍ୟକ ସାମଗ୍ରୀ: ଚୁଡ଼ା,କ୍ଷୀର,ଚିନି,ମିଲ୍କମେଡ୍,ନଡ଼ିଆ କୋରା,ଗୁଜୁରାତି,କାଜୁ-କିସମିସ ଓ ଘିଅ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚୁଡ଼ାକୁ ପାଣିରେ ଭଲ ଭାବେ ଧୋଇ ଚିପୁଡ଼ି ଏକ ମାତ୍ରରେ ରଖିଦିଅନ୍ତୁ। ବର୍ତ୍ତମାନ କଡ଼େଇରେ ଅଳ୍ପ ଘିଅ ଗରମ କରି ଏଥିରେ ଧୁଆ ଚୁଡ଼ାକୁ ପକାଇ ହାଲକା ଭାଜନ୍ତୁ। ଚୁଡ଼ା ଟିକେ ଭାଜି ହୋଇଗଲେ ଏହାକୁ ଏକ ପ୍ଲେଟକୁ କାଢି ଦିଅନ୍ତୁ।

ଏବେ କଡ଼େଇରେ ଆଉ ଟିକେ ଘିଅ ଗରମ କରି ଏଥିରେ କାଜ,କିସମିସ ପକାଇ ହାଲକା ଭାଜନ୍ତୁ ଓ କାଢି ରଖନ୍ତୁ। ଏହା ପରେ ଏକ ପାତ୍ରରେ କ୍ଷୀରରେ ଗୁଜୁରାତି ପକାଇ ଫୁଟାନ୍ତୁ। କ୍ଷୀର ଫୁଟି ମରିଗଲେ ସେଥିରେ ଚୁଡ଼ା ପକାନ୍ତୁ। ଚୁଡ଼ା ଟିକେ ଫୁଲି ଖୋଲି ଗଲା ପରେ ଏଥିରେ ଚିନି,ମିଲ୍କ ମେଡ଼୍,ନଡ଼ିଆ କୋରା ଓ ଭଜା କାଜୁ-କିସମିସ ପକାଇ ଫୁଟାନ୍ତୁ। କ୍ଷୀର ଓ ଚୁଡ଼ା ମିଶି ଖିରି ଭଳି ହୋଇଗଲେ ଏହାକୁ ଚୁଲିରୁ ଓହ୍ଲାଇଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଚୁଡ଼ା ଖିରୀ' ।

ଖବର

# ଆସିଲା 'ସନ୍ ଅଫ୍ ସର୍ଦ୍ଦାର ୨'ର ପ୍ରଥମ ପୋଷ୍ଟର




ଅଜୟ ଦେବଗନଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ସନ୍ ଅଫ୍ ସର୍ଦ୍ଦାର ୨'ର ପୋଷ୍ଟର ଗୁରୁବାର ରିଲିଜ୍ ହୋଇଛି। ପୋଷ୍ଟରରେ ଅଜୟ ଦେବଗନ ପଗଡ଼ି ବାନ୍ଧି ସର୍ଦ୍ଦାର ଅବତାରରେ ନଜର ଆସିଛନ୍ତି। ସେ ଦୁଇଟି ତୋପ ଉପରେ ଠିଆ ହୋଇଛନ୍ତି। ପୋଷ୍ଟର ସହ ଫିଲ୍ମର ମୁକ୍ତିଲାଭ ତାରିଖ ମଧ୍ୟ ସାମ୍ନାକୁ ଆସିଛି।

ଜୁଲାଇ ୨୫ରେ ପରଦାକୁ ଆସିବ 'ସନ୍ ଅଫ୍ ସର୍ଦ୍ଦାର ୨'। ଏହା ୨୦୧୨ରେ ମୁକ୍ତିଲାଭ କରିଥିବା ଫିଲ୍ମ 'ସନ୍ ଅଫ୍ ସର୍ଦ୍ଦାର'ର ସିକ୍ୱେଲ୍। ଫିଲ୍ମରେ ଅଜୟ ଦେବଗନ, ମୃଣାଳ ଠାକୁର ଓ ସଞ୍ଜୟ ଦତ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଅଜୟ ଦେବଗନଙ୍କ ପ୍ରଯୋଜନାରେ ର୍ନିମିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ବହନ କରିଛନ୍ତି ବିଜୟ କୁମାର ଅରୋରା।

## ଅଦାର ଉପକାରୀ ଗୁଣ



ଆପଣମାନେ ସମସ୍ତେ ଜାଣନ୍ତି ଯେ ଅଦା ଏକ ଏପରି ମସଲା ଯାହା କେବଳ ତରକାରୀକୁ ସୁଆଦିଆ କରେ ନାହିଁ, ବରଂ ଏଥିରେ ବହୁ ଉପକାରୀ ଗୁଣ ମଧ୍ୟ ରହିଛି। ଅଦାରୁ ଶରୀରକୁ ପୋଷଣ ମିଳିଥାଏ। ଏହା ଶରୀର ପାଇଁ ଖୁବ ଭଲ। ବିଶେଷକରି ମସ୍ତିଷ୍କ ପାଇଁ ଅଦା ଅତି ଭଲ ହୋଇଥାଏ। ଏହାକୁ ଅନେକ ପ୍ରକାର ମସଲାରେ ବ୍ୟବହାର କରି ହେବ। ପ୍ରତିଦିନ ଅଦା ଖାଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ବୋଲି ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ଅଦା ଖାଇବା ଦ୍ୱାରା ଶରୀରରୁ ଝାଳ ବୋହିବା କମ୍ ହୋଇଥାଏ। ଏହା ବ୍ୟକ୍ତିକୁ ଯୁବା ଦିଶେଇବାରେ ସହାୟ ହୁଏ। ରୀତିମତ ଅଦା ଖାଉଥିବା ବ୍ୟକ୍ତିଙ୍କୁ ସକାଳୁଆ ଆଳସ୍ୟ ଲାଗେ ନାହିଁ। ବିଶେଷ କରି ମହିଳାମାନଙ୍କୁ ଗର୍ଭବତୀ ଥିବା ସମୟରେ ଯେଉଁଭଳି ମାନ୍ଦା ଅନୁଭୂତ ହୋଇଥାଏ ଅଦା ଖାଇବା ଦ୍ୱାରା ତାହା କମ୍ ହୋଇଥାଏ। ଗଣ୍ଠିମୁଣ୍ଡରେ ଯେଉଁ ଯନ୍ତ୍ରଣା ଅନୁଭବ ହୋଇଥାଏ ଅଦା ଖାଇବା ଦ୍ୱାରା ତାହା କମ୍ ଜଣାଯାଏ। ଏହା ହୁଏତ ତୁରନ୍ତ ଅନୁଭୂତ ନ ହୋଇପାରେ ମାତ୍ର ସବୁଦିନ ପାଇଁ ଯନ୍ତ୍ରଣାକୁ ଦୂରେଇ ଦେଇପାରେ ଅଦା। ହୃଦ୍‌ରୋଗୀଙ୍କ ପାଇଁ ମଧ୍ୟ ଅଦା ଖୁବ୍ ଭଲ ହୋଇଥାଏ। ଗବେଷକମାନଙ୍କ କହିବା ଅନୁଯାୟୀ ଦିନକୁ ୨ ଗ୍ରାମ୍ ଅଦା ଖାଇବା ଦ୍ୱାରା ରକ୍ତରୁ ସର୍କରା ସ୍ତର ୧୦ ପ୍ରତିଶତ କମ୍ ହୋଇଥାଏ। ମହିଳାମାନଙ୍କ ମାସିକଧର୍ମ ସମୟର ଯନ୍ତ୍ରଣା ମଧ୍ୟ ଅଦା ଖାଇବା ଦ୍ୱାରା କମ୍ ହୋଇଥାଏ। ଏହାର କୌଣସି ପାର୍ଶ୍ୱ ପ୍ରଭାବ ମଧ୍ୟ ନାହିଁ। ଶରୀରରୁ ଚର୍ବି ଖସାଇବାରେ ଅଦାର ଭୂମିକା ଅତୁଳନୀୟ। ରୀତିମତ ଅଦା ଖାଇବା ଅଭ୍ୟାସ କଲେ ଶରୀରରେ ଥିବା ଅତିରିକ୍ତ ଚର୍ବି ହ୍ରାସ୍ ପାଇଥାଏ।

## ସୁନ୍ଦରତା ବଜାୟ ରଖିବା ପାଇଁ ସରଳ ଉପାୟ

ଅଳ୍ପ ମହୁ, ଏକ ଚାମଚ ଗ୍ରୀନ ଟି, ଏକ ଚାମଚ କମଳା ଚୋପାର ଗୁଣ୍ଡ, ଗୋଲାପ ଜଳ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାପରେ ଏହାକୁ ମୁହଁରେ ଲଗାଇ କିଛି ସମୟ ରଖନ୍ତୁ। କିଛି ସମୟ ରଖିବା ପରେ ମୁହଁକୁ ମସାଜ କରି ଧୋଇ ଦିଅନ୍ତୁ। ଏହାକୁ ଲଗାଇବା ଦ୍ୱାରା ମୁହଁ ସୁନ୍ଦର, ଉଜ୍ଜ୍ୱଳ, କୋମଳ ହୋଇଥାଏ।

୨ ଚାମଚ ମହୁରେ, ଏକ ଚାମଚ ଗ୍ରୀନ ଟିକୁ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ବେକରେ ଲଗାନ୍ତୁ। ସପ୍ତାହକୁ ଥରେ ଏହାକୁ ଲଗାଇବା ଦ୍ୱାରା ବେକର କଳା ଅଂଶ ସଫା ହୋଇଥାଏ।



ବହୁ ଲୋକଙ୍କର ମୁହଁ ଶୁଷ୍କ ଅଟେ। ଅଳ୍ପ କିଛି ଘିଅକୁ ନେଇ ମୁହଁରେ ଭଲ ଭାବେ ମାଲିସ କରନ୍ତୁ। ଏହା ଦ୍ୱାରା ମୁହଁର ଶୁଷ୍କପଣ ଦୂର ହୋଇଥାଏ। ମୁହଁ ଉଜ୍ଜ୍ୱଳ ଓ କୋମଳ ହୋଇଥାଏ।

ତଡ଼କା ହେଉ ଅଥବା ଡ଼ାଲିକୁ ଘିଅରେ ପ୍ରସ୍ତୁତ କରି ଖାଇବା ଦ୍ୱାରା ଅଧିକ ବୟସ ହେଲେ ମଧ୍ୟ କମ ବୟସର ଭଳି ଜଣାପଡ଼ିବେ। ଏଥିରେ ଭିଟାମିନ ଇ ଥିବାରୁ ମୁହଁରେ କୁଞ୍ଚନ ସୃଷ୍ଟି ହୋଇନଥାଏ।

ଆଖି ତଳର କଳା ଦାଗ ଦୂର କରିବା ପାଇଁ ସପ୍ତାହକୁ ୩ ରୁ ୪ ଥର ଏକ ବୁନ୍ଦା ଘିଅ ଭଲ ଭାବେ ମାଲିସ କରି ଦିଅନ୍ତୁ। ଏପରି କରିବା ଦ୍ୱାରା କଳାଦାଗ ସଂପୂର୍ଣ୍ଣ ଦୂର ହୋଇଥାଏ।

ଓଠର କଳାପଣ ଦୂର କରିବା ପାଇଁ ଓ ଓଠକୁ ନରମ କରିବା ପାଇଁ ନିୟମିତ ଘିଅର ବ୍ୟବହାର କରନ୍ତୁ। ରାତିରେ ଶୋଇବା ସମୟରେ ଘିଅକୁ ଓଠରେ ମାଲିସ କରି ଶୁଅନ୍ତୁ।

# ଆସନ୍ତୁ ଯିବା ଛତିଶଗଡ଼ କି ଗଙ୍ଗା



ବେରଗଡ଼ ବୁଲି ଗଲେ ସେଠାରେ ଅନେକ ପର୍ଯ୍ୟଟନ ସ୍ଥଳୀ ଦେଖିବାକୁ ପାଇବେ। ଆଉ ସେହି ସବୁ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ବରଗଡ଼ର ନୃସିଂହନାଥ ପୀଠ ଅନ୍ୟତମ।

କିପରି ଯିବେ

ବରଗଡ଼ ସହର ୬ ନଂ ଜାତୀୟ ରାଜପଥ ଦେଇ ସୋହେଲା ରାସ୍ତାରେ ଆପଣ ଯାଇପାରିବେ। ଏହାଠୁ ପ୍ରାୟ ୨୮ କି.ମି ଗଲା ପରେ ସୋହେଲା ପଡ଼ିବ। ସେହି ସ୍ଥାନରୁ ପଦ୍ମପୁର ରାସ୍ତା ଦେଇ ଗଲେ ନୃସିଂହ ନାଥଙ୍କ ପୀଠ ପଡ଼ିବ।

ତେବେ ବରଗଡରୁ ନୃସିଂହ ନାଥଙ୍କ ପୀଠକୁ ଯିବାକୁ ହେଲେ ଆପଣଙ୍କୁ ୧୧୩ କିମି ଯିବାକୁ ପଡ଼ିବ। ରାଜଧାନୀ ଭୁବନେଶ୍ୱରରୁ ୫୫ ନଂ ଜାତୀୟ ରାଜପଥ ଦେଇ ଗଲେ ଏହା ପ୍ରାୟ ୩୧୮ କି.ମି। ଆପଣ ସେଠାକୁ ଟ୍ରେନ କିମ୍ବା ଟ୍ୟାକ୍ସିରେ ଯାଇପାରିବେ।

ନୃସିଂହନାଥଙ୍କ ପୀଠ

ଜଗତର କଲ୍ୟାଣ ପାଇଁ ଭାଗବାନ ଅନେକ ରୂପରେ ଧରାପୃଷ୍ଠରେ ଅବତରଣ କରିଥାନ୍ତି। କେତେବେଳେ ବାମନ ରୂପରେ ତ ଆଉ କେତେବେଳେ ବରାହ ରୂପରେ। ସେହି ମନ୍ଦିରରେ କିନ୍ତୁ ଆପଣ ଠାକୁରଙ୍କୁ ଅଲଗା ରୂପରେ ଦେଖିବାକୁ ପାଇବେ। ସେଠାରେ ନୃସିଂହନାଥଙ୍କ ଶରୀର ସିଂହ ଭଳି ଏବଂ ମୁଖମଣ୍ଡଳ ବିରାଡ଼ି ସଦୃଶ ରହିଛି।

କାହିଁ କେଉଁ ଆଦିମ କାଳରୁ ମହାପ୍ରଭୁ ଏଠାରେ ପୂଜା ପାଇ ଆସୁଛନ୍ତି। ଐତିହାସିକ ମତରେ ପାଟଣାଗଡ଼ ରାଜା ୧୪୧୩ ଶତାବ୍ଦିର ଏହି ସୁନ୍ଦର ମନ୍ଦିର ନିର୍ମାଣ କରିଥିଲେ। ଆପଣ ସେଠାକୁ ଗଲେ ପୂରାତନ ନିଦର୍ଶନର ଚିତ୍ରକଳା ସାଙ୍ଗକୁ ଓଡ଼ିଆ କାରିଗରଙ୍କ ସୁକ୍ଷ୍ମ କାରୁକାର୍ଯ୍ୟ ଦେଖିବାକୁ ପାଇବେ।

ବିଭିନ୍ନ ଦେବାଦେବୀ ପଶୁପକ୍ଷୀ ଆଦିଙ୍କ ନିଖୁଣ ମୂର୍ତ୍ତିକୁ ଆପଣ ଏବେ ମଧ୍ୟ ସେଠାରେ ଦେଖିବାକୁ ପାଇବେ। ସେଠାକାର ଏହି ଦୃଶ୍ୟକୁ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ।

ପୀଠରେ ଦିନକୁ ଦିନ ଥର ହରିହର ପଙ୍ଗତ ହୋଇଥାଏ। ଆବାଳ ବୃଦ୍ଧ ବନୀତା ନୃସିଂହନାଥଙ୍କ ପ୍ରସାଦକୁ ବିନା ମୂଲ୍ୟରେ ସେବନ କରିବାର ନୀତି ରହିଛି।

ନୃସିଂହନାଥ ପୀଠ ଆପଣ ବୁଲି ଗଲେ ସେଠାରେ ଆଉ ଏକ ମନୋରାମ ଦୃଶ୍ୟ ମଧ୍ୟ ଆପଣ ଦେଖିବାକୁ ପାଇବେ। ସେଠାରେ ଏକ ଝରଣା ମଧ୍ୟ ପ୍ରବାହିତ ହେଉଛି। ସେହି ଝରଣାକୁ ପାଗ ହାରିଣୀ ବୋଲି କୁହାଯାଏ। ଏହି ଝରଣାର ଜଳ ଗଙ୍ଗା ଭଳି ପବିତ୍ର। ଆଉ ଏହାକୁ ଛତିଶଗଡ଼ କି ଗଙ୍ଗା ବୋଲି ମଧ୍ୟ କୁହାଯାଏ।

ସେଠାରେ ଲମ୍ବା ଲମ୍ବା ଗଛ ସାଙ୍ଗକୁ ବିରାଟ କାନ୍ଥ ସଦୃଶ ପଥୁରିଆ ରାସ୍ତା ଦେଇ ଗଲେ ଭୀମଧାର ନାମକ ଜଳପ୍ରପାତକୁ ଆପଣ ଦେଖିବାକୁ ପାଇବେ। ସେହି ଛୋଟିଆ ଜଳପ୍ରପାତ ଦେଖିଲେ ତାହା ଖଣ୍ଡାଧାରର ଛୋଟିଆ ରୂପ ପରି ଆପଣଙ୍କୁ ଲାଗିବ ନିଶ୍ଚିୟ।

ଏଠାରେ ଆପଣ ଦୀର୍ଘ ୨୦ ଫୁଟ ଉପରୁ ତଳକୁ ଲମ୍ଫ ମାରୁଥିବା ଜଳରାଶି ଦେଖିବାକୁ ପାଇବେ। ସେହି ସ୍ଥାନରେ ଥରେ ପହଞ୍ଚିଲେ ଆପଣଙ୍କ ମନ କେବେବି ଆସିବାକୁ ଇଚ୍ଛା ହେବ ନାହିଁ।

## ସ୍ୱାସ୍ଥ୍ୟ ପାଇଁ ହିତକର ନାଲି ଲଙ୍କା

ଅଧିକାଂଶ ଲୋକ ରାଗ ଖାଇବାକୁ ପସନ୍ଦ କରନ୍ତିନି। ସେଥିପାଇଁ ଡାଏଟରେ ଲଙ୍କା ବ୍ୟବହାର କରନ୍ତିନି। ବିଶେଷକରି ଲୋକେ ନାଲି ଲଙ୍କା ଠାରୁ ଦୁରେଇ ରହନ୍ତି।



ଏକ ଅଧ୍ୟୟନ ଅନୁଯାୟୀ, ନିୟମିତ ନାଲି ଲଙ୍କା ସେବନ କଲେ ଆୟୁଷ ବଢିଥାଏ ଏବଂ ଅକାଳ ମୃତ୍ୟୁ ଅଶଙ୍କା ମଧ୍ୟ କମିଯାଇଥାଏ। ଅଧ୍ୟୟନ ଅନୁଯାୟୀ, ଯେଉଁମାନେ ନାଲି ଲଙ୍କା ସେବନ କରନ୍ତି ସେମାନଙ୍କୁ ରୋଗ ହେବାର ସମ୍ଭାବନା ଏକ ଚତୁର୍ଥାଂଶ କମିଯାଇଥାଏ। ବୈଜ୍ଞାନିକମାନେ ନାଲି ଲଙ୍କାରେ ଥିବା ରାଗ ଅଂଶକୁ ଶରୀର ପାଇଁ ଲାଭଦାୟକ ବୋଲି କହିଛନ୍ତି। ବୈଜ୍ଞାନିକଙ୍କ ଅନୁଯାୟୀ, ନାଲି ଲଙ୍କା ଶର୍କରା ସ୍ତର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ଏବଂ ଟ୍ୟୁମର ସହ ସୁଜନ କମ୍ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ନାଲି ଲଙ୍କାରେ ଭିଟାମିନ-ସି ରହିଛି ଯାହା ପ୍ରତିରୋଧକ କ୍ଷମତାକୁ ମଜବୁତ କରିଥାଏ। ନାଲି ଲଙ୍କାରେ ଆଣ୍ଟି ଅକ୍ସିଡେଣ୍ଟ ରହିଛି ଯାହା ସିରାପ୍ରଶିରାରେ ବ୍ଲଡ଼ ବ୍ଲକେଜକୁ ଦୂର କରିଥାଏ। କିନ୍ତୁ ନାଲି ଲଙ୍କା ଗୁଣ୍ଡ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ବିଶ୍ୱ ସ୍ତରରେ ପାଖାପାଖି ୫୭ ହଜାର ଲୋକଙ୍କ ସ୍ୱାସ୍ଥ୍ୟ ଓ ଆହାର ରେକର୍ଡ ଆଧାରରେ ଅଧ୍ୟୟନ କରାଯାଇଥିଲା। କିନ୍ତୁ ସୂଚନା ଆଧାରରେ ଅନ୍ୟ ଅଧ୍ୟୟନ ଭଳି ଏହାର ଅନ୍‌ଚ୍ଛେକ ପରିଣାମ ମିଳିଥିଲା। କାରଣ ଅଧିକ ବ୍ୟକ୍ତିଗତ ଅଧ୍ୟୟନ କରୁଥିବା ବୈଜ୍ଞାନିକଙ୍କୁ ଏହା ଜାଣିବା ଆବଶ୍ୟକ ଯେ କେଉଁ କିସମର ଲଙ୍କା ସୁରକ୍ଷା ପ୍ରଦାନ କରିଥାଏ ଏବଂ କେତେ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ବୈଜ୍ଞାନିକ କହିଛନ୍ତି ଯେ, ଖାଇବାରେ ତାଜା ଓ ଶୁଖିଲା ଲଙ୍କା କିମ୍ବା ଗୋଲମରିଚ ବ୍ୟବହାର କଲେ ଖାଇବାର ସ୍ୱାଦ ଦୁଇଗୁଣ ବଢ଼ିଯାଇଥାଏ। ତାଛଡା ଏହା ଖାଇବାରେ ଲୁଣର ମାତ୍ରା ମଧ୍ୟ ନିୟନ୍ତ୍ରଣ କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଅତ୍ୟଧିକ ଲୁଣ ସେବନ ଉଚ୍ଚ ରକ୍ତଚାପ ଓ ହୃଦୟରୋଗର କାରଣ ହୋଇଥାଏ। କିନ୍ତୁ ବୈଜ୍ଞାନିକ ମିଶ୍ରିତ ମସଲା ଓ ବଜାରରେ ମିଳୁଥିବା ଚିଲି ସସ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛନ୍ତି। ବୈଜ୍ଞାନିକ କହିଛନ୍ତି ଯେ ଏଥିରେ ଅଧିକ ମାତ୍ରାରେ ସୋଡିୟମ ଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଅଧ୍ୟୟନର ପ୍ରମୁଖ ଲେଖକ କହିଛନ୍ତି ଯେ, ନିୟମିତ ନାଲି ଲଙ୍କା ସେବନ କ୍ୟାନସର ଓ ହୃଦୟରୋଗ ଭଳି ନାନା ରୋଗର ଆଶଙ୍କା କମ କରିପାରେ।

### ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତି ସମାରୋହରେ ଯୋଗଦେବେ ପ୍ରଧାନମନ୍ତ୍ରୀ

# ତ୍ରୁଟିଶୂନ୍ୟ ପ୍ରସ୍ତୁତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୯।୬ (ମହାଭାରତ):** ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ସମାରୋହ ଉପଲକ୍ଷେ ଭୁବନେଶ୍ୱର ଜନତା ମୈଦାନ ଠାରେ ଆୟୋଜିତ ସଭାସ୍ଥଳର ପ୍ରସ୍ତୁତି କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି । ସୂଚନା ଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି ସମାରୋହ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ।

ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ସଭାସ୍ଥଳ ବୁଲି ଦେଖିବାସହ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯେପରି କୌଣସି ତ୍ରୁଟି ନରହିବ ସେଥିପ୍ରତି ସଜାଗ ରହିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଜି ବିଳମ୍ବିତ ସନ୍ଧ୍ୟା ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।



ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜ୍ୟ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଜେପି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ୍ ସିଂ ତୋମାର, ସହ ପ୍ରଭାରୀ ଲତା ଉଷେଣ୍ଡି ପ୍ରସ୍ତୁତି କାର୍ଯ୍ୟ ବୁଲି ଦେଖିଥିଲେ ।

ମୁଖ୍ୟ ଶାସନସଚିବ ମନୋଜ ଆହୁଜା ଏବଂ ଅତିରିକ୍ତ ମୁଖ୍ୟଶାସନ ସଚିବ ଶିକ୍ଷ ବିଭାଗ ଶ୍ରୀ ହେମନ୍ତ ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତି କାର୍ଯ୍ୟର ସବିଶେଷ ସୂଚନା ପ୍ରଦାନ କରିଥିଲେ ।ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ୍ ମହା ନିର୍ଦ୍ଦେଶକ ୱାଇ ବି ଖୁରାନିଆ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ସାମୂହିକ ପାଠାଗାର ଏବଂ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର, ୧୯।୬ (ମହାଭାରତ):** ଆଇ.ଏ.ଏସ୍, ଓ.ଏ.ଏସ୍, ବ୍ୟାଙ୍କିଂ ଭଳି କମ୍ପିଟିଟିଭ୍ ପରୀକ୍ଷା ଲାଗି ପିଲାଙ୍କୁ କୋଚିଂ ସେଣ୍ଟରରେ ପଢ଼ାଇବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ଖୋର୍ଦ୍ଧାରେ ଏକ ସାମୁହିକ ପାଠାଗାର ଏବଂ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ସାଂସଦ। ଏଣିକି ଅର୍ଥାଭାବରୁ କୌଣସି ମେଧାବୀ ପିଲା ଉଚ୍ଚଶିକ୍ଷା ଏବଂ ବିଭିନ୍ନ ପ୍ରକାରର ସରକାରୀ କି ବେସରକାରୀ ଚାକିରୀ ପାଇବାରୁ ବଞ୍ଚିତ ହେବେ ନାହିଁ । ରେଲୱେ, ବ୍ୟାଙ୍କିଂ ଭଳି କମ୍ପିଟିଟିଭ୍ ପରୀକ୍ଷା ଲାଗି ଅଧିକ ଟଙ୍କା ଖର୍ଚ୍ଚ କରି କେଉଁ ବେସରକାରୀ କୋଚିଂ ସେଣ୍ଟରକୁ ବି ଯିବାକୁ ପଡ଼ିବନି । ନିଜ ଅଞ୍ଚଳର ଆର୍ଥିକ ଅନଗ୍ରସର ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀଙ୍କ ଲାଗି ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକ ସାମୁହିକ ପାଠାଗାର ଏବଂ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ଭୁବନେଶ୍ୱର ସାଂସଦ ଶ୍ରୀମତି ଅପରାଜିତା ଷଡ଼ଙ୍ଗୀ ।



ଗରିବ ପିଲାଙ୍କ ଲାଗି ଏଭଳି ସାମୁହିକ ଲାଇବ୍ରେରି କମ୍ କୋଚିଂ ସେଣ୍ଟର ନିର୍ମାଣ ଚିନ୍ତାଧାରାଟି ଦେଶରେ ପ୍ରଥମ ବୋଲି କହିଛନ୍ତି ସାଂସଦ । ୧୭୫୦ ବର୍ଗଫୁଟରେ ଏହି ଲାଇବ୍ରେରି କମ୍ କୋଚିଂ ସେଣ୍ଟର ନିର୍ମାଣ ଲାଗି ମୋଟ୍ ୫୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି । ଯେଉଁଥିରୁ ୩୦ ଲକ୍ଷ ସାଂସଦଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପ୍ରଦାନ କରାଯିବାକୁ ଥିବା ବେଳେ ବାକି ୨୩ ଲକ୍ଷ ପ୍ରଦାନ କରିବେ ପଞ୍ଚମ ରାଜ୍ୟ ଅର୍ଥ କମିଶନ, ଏମ୍.ଜି.ଏନ୍.ଆର୍.ଜି.ଏ., ଜିଲ୍ଲା ଖଣିଜ ପାଣ୍ଠି ଓ ଏସ୍.ବି.ଏମ୍ । ଯେଉଁଥିରେ ଏସି ହଲ୍, ପାଠାଗାର, କୋଚିଂ ହଲ୍, ରିଡିଂ ରୁମ୍, ଅତ୍ୟାଧୁନିକ ଟଏଲେଟ୍, ଲାଉଞ୍ଜ ଭଳି ଅତ୍ୟାଧୁନିକ ସୁବିଧା ସୁଯୋଗ ମାନ ରହିବ । ବର୍ଷେ ଭିତରେ ଏହାର କାର୍ଯ୍ୟ ସମାପନ ଲାଗି ସମୟ ଧାର୍ଯ୍ୟ କରାଯାଇଥିବାବେଳେ, ନିର୍ମାଣ କାର୍ଯ୍ୟ ସରିଲେ ଅଭିଜ୍ଞ ପ୍ରଶିକ୍ଷକ ମାନଙ୍କ ଦ୍ୱାରା ସ୍ଥାନୀୟ ମେଧାବୀ ତଥା ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କୁ ରେଲୱେ, ବ୍ୟାଙ୍କିଂ ଭଳି ବିଭିନ୍ନ ପ୍ରକାରର କମ୍ପିଟିଟିଭ୍ ପରୀକ୍ଷା ଲାଗି ମାଗଣାରେ କୋଚିଂ ବା ପ୍ରଶିକ୍ଷଣ ପ୍ରଦାନ କରାଯିବ।

# ବିଜେଡିର ଯୁବ ଛାତ୍ର ଜନଜାଗରଣ ଅଭିଯାନ

**ଭୁବନେଶ୍ୱର, ୧୯।୬ (ମହାଭାରତ):** ପୁରୀ ଠାରେ ଆୟୋଜିତ ଏକ ବିଶାଳ ଯୁବ ଛାତ୍ର ଜନଜାଗରଣ ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ଆଜି ବିଜୁ ଜନତା ଦଳର ଯୁବ ଛାତ୍ର ନେତୃମଣ୍ଡଳୀ ରାଜ୍ୟ ବିଜେପି



ସରକାରଙ୍କ ଏକ ବର୍ଷର ବିଫଳତାକୁ ନେଇ ବର୍ଷିଛନ୍ତି । ସରକାରଙ୍କ ଲମ୍ବା ବିଫଳତା ତାଲିକା ଉପସ୍ଥାପନ କରିବା ସହିତ ସରକାରଙ୍କ 'ବର୍ଷ ଏକ ଉପଲବ୍ଧି ଅନେକ' ସ୍ଲୋଗାନର ଜବାବରେ 'ବର୍ଷ ଏକ ବିଫଳତା ଅନେକ' କହି କଟାକ୍ଷ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତା ମାଧ୍ୟମରେ ଉଦଘାଟନ କରିଥିଲେ । ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ଯୁବ ଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେଇଥିଲେ । ଶ୍ରୀ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ, ରାଜ୍ୟବାସୀଙ୍କୁ ବିଭିନ୍ନ ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ପୂର୍ବ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିଭିନ୍ନ ଜନ କଲ୍ୟାଣ ଯୋଜନା ଓ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକର ନାମ ଓ ରଙ୍ଗ ପରିବର୍ତ୍ତନ କରୁଛନ୍ତି । ବିଏସକେୱାଇ ଭଳି ଲୋକପ୍ରିୟ ଯୋଜନା ବଦଳରେ ଆୟୁଷ୍ମାନ ଯୋଜନା ଲାଗୁ କରାଯାଇଛି, ଯାହା ଯୋଗୁଁ ରୋଗୀମାନେ ଚିକିତ୍ସା ପାଇବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଜ୍ୟ ସରକାରଙ୍କ ମିଛ ପ୍ରଚାରକୁ ପ୍ରତିଟି ରାଜ୍ୟବାସୀଙ୍କ ପାଖରେ ପହଞ୍ଚାଇବା ପାଇଁ ନବୀନ ଯୁବ ଛାତ୍ର ମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଦଳର ଯୁବ ନେତା ବିଧାୟକ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ବ୍ୟୋମକେଶ ରାୟ ପୌରହିତ୍ୟ କରିଥିଲେ । ଦଳର ଯୁବ ଛାତ୍ର ସଂଗଠନର ବରିଷ୍ଠ କର୍ମକର୍ତ୍ତା ମାନଙ୍କ ବ୍ୟତୀତ ଦଳର ବରିଷ୍ଠ ନେତାମାନେ, ଯଥା ଦେବୀ ପ୍ରସାଦ ମିଶ୍ର, ଶ୍ରୀ ସଞ୍ଜୟ ଦାସବର୍ମା, ଶ୍ରୀମତୀ ପ୍ରମିଳା ମଲ୍ଲିକ ଓ ଡ଼ ଅରୁଣ କୁମାର ସାହୁ ପ୍ରମୁଖ ଏହି ବିଶାଳ ଜନଜାଗରଣ ଅଭିଯାନକୁ ସମ୍ବୋଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ, ରାଜ୍ୟ ସରକାରଙ୍କ ଏକ ବର୍ଷର ଓ କେନ୍ଦ୍ର ସରକାରଙ୍କ ଏଗାର ବର୍ଷର ବିଫଳତା ଉପରେ ବର୍ଷିଥିଲେ। ଡ଼ ଅରୁଣ କୁମାର ସାହୁ ଗତ ନିର୍ବାଚନ ସମୟରେ ବିଜେପି ତରଫରୁ ଦିଆଯାଇଥିବା ବିଭିନ୍ନ ପ୍ରତିଶ୍ରୁତିକୁ ମନେ ପକାଇ ଆସନ୍ତା ୨୦ ତାରିଖରେ ଆସୁଥିବା ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ ରଖିଥିଲେ ।

# ଓଡିଶାର ବିକାଶ ପାଇଁ ରୋଡ୍ ମ୍ୟାପ୍ ଘୋଷଣା କରିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୧୯।୬ (ମହାଭାରତ):** ଭାରତୀୟ ଜନତାପାର୍ଟି ନେତୃତ୍ୱାଧୀନ ସରକାର ଓଡିଶାରେ ୧ବର୍ଷ ଓ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରକୁ ୧୧ବର୍ଷ ପୂରଣ ହୋଇଛି। ଏହି ପରିପ୍ରେକ୍ଷୀରେ ଆମକୁ ମାର୍ଗ ଦର୍ଶନ ଦେବାକୁ ଆସନ୍ତା ଜୁନ ୨୦ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଓଡିଶା ଆସୁଛନ୍ତି । ଗତ ଏକ ବର୍ଷର ଅବଧିରେ ଷଷ୍ଠ ଥର ପାଇଁ ଓଡିଶା ଗସ୍ତରେ ଆସୁଥିବା ଏବଂ ଓଡିଶାକୁ ଅତ୍ୟନ୍ତ ଭଲ ପାଉଥିବା ପ୍ରଧାନମନ୍ତ୍ରୀ ୨୦ ତାରିଖ ଅପରାହ୍ନ ୩ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଁଚିବେ। ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଓଡିଶାର ବିକାଶ ପାଇଁ ୨୦୩୬ର ରୋଡ୍ ମ୍ୟାପ୍ ଘୋଷଣା ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ, ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନ ପାଇଁ ସଂକଳ୍ପବଦ୍ଧ । ଏନେଇ ଜୋରଦାର ପ୍ରୟାସ ଆରମ୍ଭ ହୋଇଯାଇଥିବାବେଳେ



ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏଥିପାଇଁ ପୂର୍ଣ୍ଣ ସହଯୋଗ କରୁଛନ୍ତି । ଓଡିଶାର ସାମଗ୍ରିକ ବିକାଶରେ ମୋଦିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତାଙ୍କ ନେତୃତ୍ୱରେ ଜାତୀୟସ୍ତରର ଅନେକ କାର୍ଯ୍ୟକ୍ରମ ତଥା ଗୁରୁତ୍ୱପୂର୍ଣ୍ଣ ବୈଠକ ଗତ ଏକ ବର୍ଷ ଭିତରେ ଓଡିଶାରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀଠାରୁ ଆରମ୍ଭ କରି ନୌସେନା ଦିବସ, ପ୍ରବାସୀ ଭାରତୀୟ ଦିବସ, ପୁରୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଯାଇଛି । ସେହିପରି ରାଜ୍ୟରେ ରେଳ, ସଡକ, ବିମାନ ସେବା ଏବଂ ଭିତିଭୂମିକୁ ସୁଦୃଢ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ନିର୍ଭର ପ୍ରତିଶୃତି କାରଣରୁ ଓଡିଶାକୁ ଆଜି ବଡ ବଡ ଶିଳ୍ପଦ୍ୟୋଗୀମାନେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗଭର ହୋଇଛନ୍ତି। ପ୍ରଧାନମନ୍ତ୍ରୀ ବୟୋବନ୍ଦନା ଯୋଜନା ଜରିଆରେ ୭୦ ଏବଂ ୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେଇ ମୋଦିଜୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତନ ଆଣିଦେଇଛନ୍ତି । ମୋଦିଙ୍କ ଗ୍ୟାରେଂଟି, ଓଡିଶାର ଉନ୍ନତି। ରାଜ୍ୟ ତଥା ରାଜ୍ୟବାସୀଙ୍କ ସାମୁହିକ ବିକାଶ ପାଇଁ ମୋଦିଜୀ ସଂକଳ୍ପ ନେଇଛନ୍ତି। ଭୁବନେଶ୍ୱର ଏୟାରପୋର୍ଟରେ ପ୍ରଧାନମନ୍ତ୍ରୀ ମୋଦିଜୀ ପହଁଚିବା ପରେ ନିକଟ ବିଜୁ ପଟ୍ଟନାୟକ ଛକରୁ ଏକ ବିରାଟ ରୋଡ୍ ଶୋ ମାଧ୍ୟମରେ ଏଜି ଛକ, ରାଜଭବନ ଛକ, କଳିଙ୍ଗ ଷ୍ଟାଡିୟମ ଛକ, ଜୟଦେବ ଭବନ ଛକ ଦେଇ ସଭାସ୍ଥଳ ଜନତା ମଇଦାନରେ ପହଁଚିବେ । ଏହି ଅବସରରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେବ ଏବଂ ପାଖାପାଖି ୧୦ଟି ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯିବ । ସଭାସ୍ଥଳରେ ପହଁଚିବା ପରେ ସେଠାରେ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦିଜୀ ଓଡିଶା ଭିଜନ - ୨୦୩୬ ଓ ୨୦୪୭ ପୁସ୍ତିକାକୁ ଉନ୍ମୋଚନ କରିବେ । ବିଭିନ୍ନ ଶିଳାନ୍ୟାସ ଓ ପ୍ରକଳ୍ପଗୁଡିକୁ ଭିସି ଜରିଆରେ ଲୋକାର୍ପଣ କରିବେ । (ରେଳ ସେବା, ଇଭି ବସ ଇତ୍ୟାଦି) ଏଥି ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଲାଭାର୍ଥୀ ଏବଂ ସାମାଜିକ କ୍ଷେତ୍ରରେ ନେତୃତ୍ୱ ନେଉଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିବେ । ଅପରାହ୍ନ ୪.୩୦ ମିନିଟରେ ପ୍ରଧାନମନ୍ତ୍ରୀ ମୋଦି ଜନସଭାକୁ ସମ୍ବୋଧନ କରିବେ । ଏହା ପରେ ମୋଦିଜୀ ବିମାନବନ୍ଦରରୁ ଦିଲ୍ଲୀ ଅଭିମୁଖେ ପ୍ରତ୍ୟାବର୍ତନ କରିବେ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ ସୂଚନା ଦେଇଛନ୍ତି।

# ବିଲୁପ୍ତପ୍ରାୟ ଶସ୍ୟର ପୁନରୁଦ୍ଧାର ଯୋଜନାର ଶୁଭାରମ୍ଭ

**ଭୁବନେଶ୍ୱର, ୧୯।୬ (ମହାଭାରତ):** ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ 'ଓଡ଼ିଶାରେ ବିସ୍ମୃତ ଖାଦ୍ୟ / ବିଲୁପ୍ତପ୍ରାୟ ଶସ୍ୟର ପୁନରୁଦ୍ଧାର ଏବଂ ଏହାର ସ୍ଥାୟିତ୍ୱ' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରାଯାଇଛି । ଗତ ନଭେମ୍ବର ମାସରେ ମାଣ୍ଡିଆ ଦିବସ ଉପଲକ୍ଷେ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ଉପରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଥିଲେ । ଯେଉଁଥିରେ ବିଭିନ୍ନ ଦେଶରୁ ବିଶେଷଜ୍ଞ, କୃଷି ବୈଜ୍ଞାନିକମାନେ ଯୋଗଦେଇଥିଲେ ।ସାରା ରାଜ୍ୟରେ ପାରମ୍ପରିକ ଫସଲ କିସମ ଏବଂ ଖାଦ୍ୟର ସଂରକ୍ଷଣ, ଚାଷ, ମୂଲ୍ୟ ବୃଦ୍ଧି, ବ୍ୟବସାୟିକରଣ ଏବଂ ସଚେତନତା ସୃଷ୍ଟି ଉପରେ ଧ୍ୟାନ ଦେଇ ସେଗୁଡିକୁ ପୁନରୁଦ୍ଧାର କରିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ । ଯାହାଦ୍ୱାରା ବିଶେଷକରି ଜନଜାତି ସମ୍ପ୍ରଦାୟର ଚାଷୀମାନେ ଆର୍ଥିକ ସ୍ତରରେ ଅଧିକ ସଶକ୍ତ ହୋଇପାରିବେ। ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ମାର୍ଗଦର୍ଶନରେ କରାଯାଇଥିବା ଏହି ଯୋଜନାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମୋଦନ କରାଯାଇଛି । ଓଡ଼ିଶା ହେଉଛି ଫସଲ, ଖାଦ୍ୟ ବିବିଧତା ଏବଂ ଅନେକ କୃଷି-ପରିବେଶ ସମୃଦ୍ଧ ରାଜ୍ୟ ।ଯେଉଁଥିରେ କୋରାପୁଟ ଅଞ୍ଚଳ ମଧ୍ୟ ଅନ୍ତର୍ଭୁକ୍ତ, ଯାହାକୁ ଏକ ମହତ୍ୱପୂର୍ଣ୍ଣ କୃଷିଭିତ୍ତିକ ବିଶ୍ୱସ୍ତରୀୟ କେନ୍ଦ୍ରସ୍ଥଳୀ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି ।

ଓଡ଼ିଶାରେ ୬୪ ପ୍ରକାରର ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି ଏବଂ କୃଷି ଜୈବ ବିବିଧତାର ସମ୍ପ୍ରଦାୟଭିତ୍ତିକ ସଂରକ୍ଷଣର ସମୃଦ୍ଧ ଐତିହ୍ୟ ରହିଛି । ଓଡ଼ିଶାର ଜନଜାତି ସମ୍ପ୍ରଦାୟର ଲୋକମାନେ ବହୁ ପୁରାତନ କାଳରୁ ବିଭିନ୍ନ ପାରମ୍ପରିକ ଫସଲ ଯଥା କନ୍ଦା, ଡାଲି, ତୈଳବୀଜ, ଶାଗ, ବନ୍ୟଜାତ ଫଳମୂଳ ଚାଷ ଓ ଖାଦ୍ୟ ସହ ଓତପ୍ରୋତଃ ଭାବେ ଜଡ଼ିତ । ଏହି ଯୋଜନା ଦେଶୀ ବିହନ ଓ ବୃକ୍ଷରାଜି ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ସ୍ୱର୍ଗତଃ ପଦ୍ମଶ୍ରୀ କମଳା ପୂଜାରୀ, ସୁଶ୍ରୀ ସାବରମତୀ, ପ୍ରଫେସର ରାଧାମୋହନ ଏବଂ ଶ୍ରୀ ପଟ୍ଟାୟତ ସାହୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି । ବିସ୍ମୃତ ଖାଦ୍ୟଶସ୍ୟର ଜର୍ମପ୍ଲାଜମ/ଆନୁବଂଶିକ ସଂଗ୍ରହ ଓ ମୂଲ୍ୟାନ୍ୱୟନ ଏବଂ ଖାଦ୍ୟ ସଂସ୍କୃତି ସମ୍ବନ୍ଧୀୟ ତଥ୍ୟାବଳୀ ପ୍ରସ୍ତୁତ କରିବା, ରାଜ୍ୟ ସମ୍ବଳ କେନ୍ଦ୍ର ମାଧ୍ୟମରେ ଗୋଷ୍ଠୀ ପରିଚାଳିତ ବିହନ ବ୍ୟାଙ୍କ, ସଂରକ୍ଷକ ଚାଷୀ/ ସମ୍ବଳ କେନ୍ଦ୍ର ମାଧ୍ୟମରେ ଗୋଷ୍ଠୀଗତ ସଂରକ୍ଷଣ ଓ ବ୍ୟାପକତା, ବିଲୁପ୍ତପ୍ରାୟ ଭୂ-ପ୍ରଜାତି/ ଶସ୍ୟ ଚାଷକୁ ପ୍ରୋତ୍ସାହନ, ବିସ୍ମୃତ ଖାଦ୍ୟର ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ଓ ଖାଦ୍ୟ ପ୍ରସ୍ତୁତିକୁ ପ୍ରୋତ୍ସାହନ, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିସ୍ମୃତ ଖାଦ୍ୟଶସ୍ୟକୁ ନେଇ ସଚେତନତା ସୃଷ୍ଟି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା କୃଷକ ଉତ୍ପାଦକ ସଂଗଠନ କିମ୍ବା ସଂସ୍ଥାଗୁଡିକ ମାଧ୍ୟମରେ ବ୍ୟବସାୟିକରଣକୁ ବ୍ୟାପକ କରିବା, ଚାଷୀଙ୍କ ଫସଲ ଓ ଖାଦ୍ୟ ସ୍ୱତନ୍ତ୍ରତା ସମ୍ପର୍କିତ ଅଧିକାରକୁ ବିଚାରକୁ ନେଇ ବିସ୍ମୃତ ଶସ୍ୟ/ ଖାଦ୍ୟର ବିଭିନ୍ନ ଦିଗ ଉପରେ ଗବେଷଣା ଏବଂ ବିଭିନ୍ନ ହିତାଧିକାରୀଙ୍କ ସହ ସହଭାଗୀତା ହେଉଛି ଏହି ଯୋଜନାର ଉଦ୍ଦେଶ୍ୟ।

# ଓୟୁଏଟି ଫାର୍ମଗେଟ୍‌ରେ ଉଦ୍ଦୀପନର ଉଦ୍‌ଯାପନୀ ଉତ୍ସବ

**ଭୁବନେଶ୍ୱର, ୧୯।୬ (ମହାଭାରତ):** ଟାକ୍‌ଟିକାଲ ଅର୍ବାନିଜମ-୨ ପ୍ରୟାସ ଅଧୀନରେ ଏକ ଗୋଷ୍ଠୀ-ପରିଚାଳିତ ସ୍ଥଳ ରୂପାନ୍ତରଣ କାର୍ଯ୍ୟକ୍ରମ ଉଦ୍ଦୀପନର ଉଦ୍‌ଯାପନୀ ଓ ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀଙ୍କର ଗରିମାମୟ ଉପସ୍ଥିତି ରହିଥିଲା । ତାଙ୍କ ଉଦ୍‌ବୋଧନରେ ସେ ସର୍ବସାଧାରଣ ସ୍ଥାନର କିଶୋର ନେତୃତ୍ୱରେ ପରିଚାଳିତ ପୁନଃପରିକଳ୍ପନାକୁ ପ୍ରଶଂସା କରିବା ସହିତ କିଶୋରମାନଙ୍କର ମତାମତକୁ ସହରାଞ୍ଚଳ ପ୍ରଶାସନିକ ପରିଚାଳନାରେ ସମନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ।




ଉତ୍ସବରେ ତାଙ୍କ ଝିଅ ତଥା ଜଣେ ସମାବେଶୀ ଶିକ୍ଷାବିତ୍ ତଥା ସାମାଜିକ ଉଦ୍ୟୋଗୀ ସୁଶ୍ରୀ ଆଲି ପାଢୀ ଯୋଗଦେଇ ଅନ୍ତର୍ଭୁକ୍ତି ଏବଂ ଇଜ୍ଜତ ପାଇଁ ଏହି ପ୍ରୟାସର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ।

ହମାରା ବଚପନ ଟ୍ରଷ୍ଟ (ଏଚବିଟି)ର ପ୍ରତିଷ୍ଠାତା ଏବଂ ଚେୟାରପର୍ସନ ଶ୍ରୀମତୀ ଧରିତ୍ରୀ ପଟନାୟକ ଟ୍ରଷ୍ଟର କିଶୋର ଏବଂ ଲିଙ୍ଗ-ଉପଯୋଗୀ ସହରାଞ୍ଚଳ ସ୍ଥଳ ନିମନ୍ତେ ସପକ୍ଷବାଦୀ ଜନ-ନେତୃତ୍ୱରେ ପରିଚାଳିତ ଅଭିଯାନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ ଗୁରୁତ୍ୱ ଦେଇ କହିଥିଲେ ଯେ ଗୋଷ୍ଠୀ-ନେତୃତ୍ୱରେ ପରିଚାଳିତ ଜନସାଧାରଣ ସ୍ଥଳ ପରିଯୋଜନା ନାଗରିକ ପ୍ରଶାସନକୁ ମଜଭୁତ କରିବା ଦିଗରେ ଏକ ଉଲ୍ଲେଖନୀୟ ପ୍ରୟାସ ହୋଇଛି, କାରଣ ଏହା ତୃଣମୂଳ ସ୍ତରରୁ ମାଲିକାନା, ଉତ୍ତରଦାୟିତ୍ୱ ଏବଂ ଦୀର୍ଘସ୍ଥାୟୀ ପରିବର୍ତ୍ତନକୁ ଗଢିତୋଳୁଛି।

କିଶୋରମାନଙ୍କ ଦ୍ୱାରା ମିଳିତ ଭାବରେ ସୃଷ୍ଟି ଏବଂ ଏଚବିଟି ଦ୍ୱାରା ଡବ୍ଲ୍ୟୁଆରଆଇ ଇଣ୍ଡିଆ ଓ ଭୁବନେଶ୍ୱର ମହାନଗର ନିଗମ ସହଭାଗୀତାରେ ହେଲ୍‌ଥ ସିଟିଜ ଫର ଆଲୋଲେସେଣ୍ଟସ୍ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଉଦ୍ଦୀପନ ଓୟୁଏଟି ଫାର୍ମଗେଟକୁ ଏକ ଚଳଚଞ୍ଚଳ, ସମାବେଶୀ ପଡୋଶୀ ସ୍ଥଳ ଭାବରେ ରୂପାନ୍ତରିତ କରିଥିଲା। ଏହି ପ୍ରୟାସ ରଜ ଉତ୍ସବ ଅବସରରେ ଆୟୋଜିତ ହୋଇଥିଲା, ଯେଉଁଥିରେ ୱେଲନେସ୍ ଜୋନ, ପ୍ଲେ ଜୋନ ଏବଂ ଏକ ରିଫ୍ଲେକ୍ସନ ଟ୍ରେଲ ରହିଥିଲା- ଯେଉଁଗୁଡିକ କିଶୋରମାନଙ୍କ ଆବଶ୍ୟକତା ଏବଂ ଆକାଂକ୍ଷାକୁ ନେଇ ଡିଜାଇନ କରାଯାଇଥିଲା। ପାରମ୍ପରିକ ଖେଳ ଏବଂ ସୃଜନଶୀଳ ପ୍ରତିଯୋଗିତାଗୁଡିକ ଠାରୁ ନେଇ ଋତୁସ୍ରାବ ଏବଂ ମାନସିକ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ସଚେତନତା ସ୍କିଟ୍ ପର୍ଯ୍ୟନ୍ତ ପାଞ୍ଚଦିବସୀୟ କାର୍ଯ୍ୟକ୍ରମ କିଶୋରମାନଙ୍କ ନେତୃତ୍ୱ, ଲିଙ୍ଗଗତ ସମ୍ବେଦନଶୀଳତା ଏବଂ ପଡୋଶୀମାନଙ୍କର ଏକତାକୁ ପାଳନ କରିଥିଲା। ଏହି ସର୍ବସାଧାରଣ ସ୍ଥଳ କମ୍ ଖର୍ଚ୍ଚବିଶିଷ୍ଟ, ଉଚ୍ଚ ପ୍ରଭାବଶାଳୀ ନାଗରିକ ପଦକ୍ଷେପସମୂହର ଏକ ନିଦର୍ଶନ ହୋଇଛି ଏବଂ ଭୁବନେଶ୍ୱରକୁ ଏକ କିଶୋର- ଉପଯୋଗୀ ସହର ଭାବରେ ଗଢିତୋଳିବାରେ ଆଉ ଏକ ମାଇଲଖୁଣ୍ଟ ହୋଇଛି।

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା କଂଗ୍ରେସ

**ଭୁବନେଶ୍ୱର, ୧୯।୬ (ମହାଭାରତ):** ଗଞ୍ଜାମ ଜିଲ୍ଲାର ଗୋପାଳପୁର, କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର, କଟକର ବାରଙ୍ଗ ଓ ଅନୁଗୁଳ ଜିଲ୍ଲାର କଣିହାଁ ବ୍ଲକ୍‌ରେ ଯେଉଁ ଲୋମହର୍ଷଣକାରୀ ଗଣଧର୍ଷଣ ହୋଇଛି ତା'ର ପ୍ରତିବାଦରେ ବୁଧବାର ରାଜ୍ୟ କଂଗ୍ରେସର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ପ୍ରଦେଶ କଂଗ୍ରେସ

ତରଫରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ସାରା ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ମହିଳାମାନଙ୍କ ପ୍ରତି ଘଟୁଥିବା

ଅପରାଧ ସମସ୍ତ ଜାତୀୟ ରେକର୍ଡକୁ ଭାଙ୍ଗି ସାରିଲାଣି। ଏହା ଡବଲ ଇଞ୍ଜିନ ସରକାରର ସବୁଠାରୁ ବଡ଼ ସଫଳତା କି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ, ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ କଂଗ୍ରେସ ଅନବରତ ଲଢ଼େଇ କରିଆସୁଛି। ମନୁବାଦୀ ଚିନ୍ତାଧାରାର ଦଳ ବିଜେପି ମହିଳାମାନଙ୍କୁ ବସ୍ତୁ ଭାବରେ ବିବେଚନା କରେ। କଂଗ୍ରେସ ଦଳ ଏ ଘଟଣାକୁ ନେଇ ବିଧାନସଭା ଭିତରେ ପୁନର୍ବାର ପ୍ରଶ୍ନ ଉତ୍‌ଥାପନ କରିବ। ଗୋପାଳପୁରରେ ଜଣେ ୨୦ ବର୍ଷର +୩ ଛାତ୍ରୀଙ୍କୁ ୧୦ ଜଣ ଗଣଦୁଷ୍କର୍ମ କଲେ। ଘଟଣା ଘଟିବାର ୪ଦିନ ପରେ ଏହା ଲୋକଲୋଚନକୁ ଆସିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ସୁରେଶ ରାଉତରାୟ, ରଞ୍ଜୀବ ବିଶ୍ୱାଳ, ବିଧାୟକ ଅଶୋକ ଦାସ, ସମୀର ରାଉତରାୟ, ସୋଫିଆ ଫିର୍ଦ୍ଦୋଶ, ମିନାକ୍ଷୀ ବାହିନୀପତି, ନବଜ୍ୟୋତି ପଟ୍ଟନାୟକ, ରଣଜିତ ପାତ୍ର, ୟାସିର ନୱାଜ, ଉଦିତ ପ୍ରଧାନ, ସୁବ୍ରତ ମହାପାତ୍ର, ପ୍ରକାଶ ମିଶ୍ର, କୁସୁମ ପ୍ରଧାନ, ଅରବିନ୍ଦ ଦାସ, ରଜନୀ ମହାନ୍ତି, ଦୀପକ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି ଯୋଗଦାନ କରିଥିଲେ।

# କୋକ୍ ଷ୍ଟୁଡ଼ିଓ ଭାରତ ଇସ୍କବାଓ୍ୱଲାର ଅନାବରଣ

**ଭୁବନେଶ୍ୱର, ୧୯।୬ (ମହାଭାରତ):** କୋକ୍ ଷ୍ଟୁଡ଼ିଓ ଭାରତ, ଏକ ମଂଚ୍ ଯାହାକି ପାଳନ କରିବାକୁ ଯାଉଛି ଭାରତର ବିବିଧ ସଙ୍ଗୀତର ଐତିହ୍ୟ, ଯାହାକି ଏହାର ତୃତୀୟ ସିଜନରେ ଦର୍ଶକଙ୍କ ସହିତ ଏକ ଶକ୍ତିଶାଳୀ ସ୍ରୋତକୁ ବୋହି ନେଇଛି। ହୋଲି ଆଇରେ, ହୋଲୋ ଲୋଲୋ ଏବଂ ପଞ୍ଜାବ ଭେଖ କେ ସହିତ ଏହି ମଂଚ୍ ତିନୋଟି ବିଭିନ୍ନ ଟ୍ରାକର ସ୍ୱାଦକୁ ନେଇ ଭାରତର ବିବିଧ ସାଂସ୍କୃତିକ ମୂଳଦୁଆକୁ ପାଳନ କରୁଅଛି। ବର୍ତ୍ତମାନ ଏହା ନିଜର ଚ଼ତୁର୍ଥ ସଂସ୍କରଣ ଇସ୍କ ବାଓ୍ୱଲା ସହିତ ଫେରିଛି। ହରିୟାଣାର ରାପ ପାଓ୍ୱାରହାଉସ ଧଣ୍ଡା ନ୍ୟୋଲିଓ୍ୱାଲାଙ୍କର ନିଜସ୍ୱ ଧାରଣାକୁ ନେଇ ତଥା ତାଙ୍କ ଲେଖା, ରଚ଼ନା ତଥା ନିଜସ୍ୱ କାର୍ଯ୍ୟଦକ୍ଷତା ସହିତ ଏକ୍ସଭିର ଗ୍ରେଓ୍ୱାଲଙ୍କ ବଳିଷ୍ଠ ଅଭିନୟକୁ ନେଇ ଇସ୍କ ବାଓ୍ୱଲା ପୁଣି ଥରେ ଏହାର ବର୍ଷ ପୁରୁଣା ପ୍ରେମ ପ୍ରତାରଣା ଜରିଆରେ ବୁଦ୍ଧି ତଥା ବ୍ୟକ୍ତିତ୍ୱତାକୁ ଆତ୍ମବିଶେଷଣର ଲେନ୍ସରେ ଉପସ୍ଥାପନ କରିବାକୁ ଯାଉଛି। ହରିୟାଣାର ଏକ ସମୟହୀନ ମୂଳ କାହାଣୀର ପରମ୍ପରାକୁ ନେଇ ନୂଆ ସଙ୍ଗୀତଟି ଆତ୍ମ ସଚ଼େତନତାର ଶକ୍ତି ପାଇଁ ଶ୍ରଦ୍ଧାଞ୍ଜଳି ହେବା ସହିତ ପ୍ରତିଫଳିତ, ଶିକ୍ଷତା ତଥା ଆଗକୁ ବଢ଼ିବା ପାଇ ଏକ ନିମନ୍ତ୍ରଣ ।ଶତାବ୍ଦୀ ଧରି ରହି ଆସିଥିବା ଲୋକକଥାର ସବୁଠାରୁ ନାଟକୀୟ ପ୍ରେମ କାହାଣୀରୁ ଅନେକ କିଛି ଟିପ୍ପଣୀକୁ ନେଇ ଇସ୍କ ବାଓ୍ୱଲା ଏକ ହରିୟାଣୀ ଭଲ ପାଇବା ସହିତ ମୁଣ୍ଡ ନୁଆଁଇବା ଏଭଳି ଏକ କାହାଣୀକୁ ଚ଼ିତ୍ରିତ କରିଛି।

**OFFICE OF THE PRINCIPAL**
**Womens Degree College, Paralakhemundi**
**Dist - Gajapati, 761200**
**No : 135/WDC/2025, Date - 17/06/2025**

The Women's Degree College, Paralakhemundi from hereby invites sealed tenders eligible vendors for the supply and installation of the IT equipments at Womens' Degree College, Paralakhemundi. The details regarding the tender and technical specification with brief have been published in the Gajapati District Website i.e gajapati.odisha.gov.in

Tender Document is available in the Office of the Women's Degree College, Paralakhemundi during College hour except holidays. The interested vendors will deposit EMD money Rs.1000/- (Demand Draft in favour of Principal Women's Degree College, Paralakhemundi, Odisha), which is refundable and have to submit the details on or before 30 June 2025 at college address by Speed Post / Courier.

**Principal**
**Meenaketan Degree College, Gurandi**

# ପଶ୍ଚିମବଙ୍ଗରେ କଂଗ୍ରେସ ଦୁର୍ବଳ

କଂଗ୍ରେସ କମିଟିକୁ ସଙ୍ଗଠନକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଡିସିସି ସଭାପତିମାନଙ୍କୁ ଅଧିକ କ୍ଷମତା ଏବଂ ଦାୟିତ୍ୱ ପ୍ରଦାନ କରାଯିବ। ଏହା ସହିତ ସେବାଦଳ ଭଳି ଦଳର ଛାମୁଆ ସଙ୍ଗଠନର ପୁନର୍ଗଠନ କରାଯିବ। ଅଧିକ ସଂଖ୍ୟାରେ ଯୁବକ, ମହିଳା, ଦଳିତ ଏବଂ ପଛୁଆ ବର୍ଗଙ୍କୁ ସଙ୍ଗଠନରେ ଗୁରୁତ୍ୱ ଦିଆଯିବ। ଦଳର ବରିଷ୍ଠ ନେତା ସଞ୍ଜୟ ଝା ବୈଠକରେ ୫ଟି ପ୍ରସ୍ତାବ ରଖିଛନ୍ତି। ପ୍ରସ୍ତାବରେ ସେବା ଦଳକୁ ସୁଦୃଢ଼ କରିବା, ଜିଲ୍ଲା ସ୍ତରରେ ସଙ୍ଗଠନକୁ ସକ୍ରିୟ କରାଇବା, ଦଳର ଏକ ଛାୟା କ୍ୟାବିନେଟ ଗଠନ ଆଦି ରହିଛି। ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କେ ସି ବେଣୁଗୋପାଳ କହିଛନ୍ତି ଯେ, ଆଗକୁ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହିସବୁ ନିର୍ବାଚନରେ କଂଗ୍ରେସ କିପରି ସଫଳତା ହାସଲ କରିପାରିବ ସେଥିଲାଗି ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରାଯିବ। ଦଳ ପ୍ରତି ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ କିପରି ଫେରିବ, ସେଥିଲାଗି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ବିଭିନ୍ନ ସ୍ତରେ ସାରା ଦେଶରେ କଂଗ୍ରେସ ପକ୍ଷରୁ ପଦଯାତ୍ରା କରାଯାଇ ଜନସମ୍ପର୍କ ରକ୍ଷା କରାଯିବ। ସାମାଜିକ ନ୍ୟାୟ ପ୍ରତିଷ୍ଠା ହେଉଛି କଂଗ୍ରେସର ଚରମ ରାଜନୈତିକ ଲକ୍ଷ୍ୟ। ବିଜେପି ଓ ଆରଏସଏସ ଦେଶକୁ ଧର୍ମ ଭିତ୍ତିରେ ବିଭାଜିତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ତେଣୁ ଏହାର ଜବାବ ଦେବାକୁ କଂଗ୍ରେସ ସମାଜର ସବୁ ବର୍ଗକୁ ଏକାଠି କରିବା ନିମନ୍ତେ ଉଦ୍ୟମ କରିବ। ଦେଶରେ ସଂଖ୍ୟାଲଘୁ ବର୍ଗଙ୍କ ଉପରେ ଅତ୍ୟାଚାର ବଢୁଛି ଏବଂ ସାମ୍ପ୍ରଦାୟିକ ଶକ୍ତି ସକ୍ରିୟ ଅଛନ୍ତି। ଏହାର ମୁକାବିଲା ସହ କଂଗ୍ରେସ ସାମ୍ପ୍ରଦାୟିକ ସଦଭାବ ରକ୍ଷାଲାଗି ଉଦ୍ୟମ କରିବ। ଏହା ସହିତ ବିଜେପିକୁ କ୍ଷମତାଚ୍ୟୁତ କରିବା ନିମନ୍ତେ ସମଭାବାପନ୍ନ ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ଦଳ ସହ କଂଗ୍ରେସ ହାତ ମିଳାଇବ ବୋଲି କହିଛି। ଉଲ୍ଲେଖ ଯୋଗ୍ୟ ଯେ, ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ କଂଗ୍ରେସ ସହଯୋଗୀ ଆରଜେଡି ଏବଂ ବାମପନ୍ଥୀ ଦଳମାନଙ୍କ ସହ ମେଣ୍ଟ ବା ଆସନ ବୁଝାମଣା କରି ଲଢ଼ିବ। ବିହାର ନିର୍ବାଚନରେ ନୀତିଶ କୁମାରଙ୍କୁ ପରାଜିତ କରିବା ହେଉଛି କଂଗ୍ରେସର ଚରମ ଲକ୍ଷ୍ୟ। ନୀତିଶ ନିର୍ବାଚନରେ ପରାଜିତ ହେଲେ କେନ୍ଦ୍ରରେ ଏନଡିଏ ସରକାର ଦୋହଲିଯିବ। ତେଣୁ କଂଗ୍ରେସ ନିଜ ସୀମିତ ଶକ୍ତିର ଉପଯୋଗ କରି ବିହାରରେ ଇଣ୍ଡିଆ ବ୍ଲକକୁ ପରାଜିତ କରିବା ଲକ୍ଷ୍ୟରେ ରହିଛି। ଲାଲୁଙ୍କ ଆରଜେଡି ବିହାରରେ ମୁଖ୍ୟ ବିରୋଧୀ ଦଳ। କିନ୍ତୁ ଲାଲୁ କଂଗ୍ରେସକୁ ଅଣଦେଖା କରୁଛନ୍ତି। କଂଗ୍ରେସ ସହ ହାତ ମିଳାଇ ଦଳ କ୍ଷତି ସହୁଛି ବୋଲି ଲାଲୁ ଅନେକ ଥର କହିଛନ୍ତି। କିନ୍ତୁ ତେଜସ୍ୱୀ ଯାଦବ କଂଗ୍ରେସ ସହ ବୁଝାମଣା ବଜାୟ ରଖିଛନ୍ତି। ବିହାରରେ କଂଗ୍ରେସ ଏକ ଦୁର୍ବଳ ଶକ୍ତି। ରାଜ୍ୟରେ ନିଜ ସ୍ଥିତି ବଜାୟ ରକପିବାକୁ କଂଗ୍ରେସ ଆରଜେଡିର ହାତ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ ଏବଂ ଯେ କୌଣସି ସର୍ତ୍ତରେ ଏହା କଂଗ୍ରେସ ସହ ମେଣ୍ଟ ବଜାୟ ରଖିବାକୁ ପ୍ରସ୍ତୁତ। ସେହିପରି ଆସନ୍ତା ବର୍ଷ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଶ୍ଚିମବଙ୍ଗ ବିଧାନସଭା ପାଇଁ ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ ବିଜେପି, ଟିଏମସି ଏବଂ କଂଗ୍ରେସ-ବାମପନ୍ଥୀ ମେଣ୍ଟ ମଧ୍ୟରେ ତ୍ରିମୁକୀ ମୁକାବିଲା ହେବ। ଏହି ଦୁଇଟି ବଡ଼ ରାଜ୍ୟରେ କଂଗ୍ରେସର ଶକ୍ତି ନଗଣ୍ୟ। ତେଣୁ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନରେ ଦଳର ସଫଳତା ଲାଗି ଯାହା ସବୁ ନିଷ୍ପତ୍ତି ନିଆଯାଇଛି ତାହା ଅର୍ଥହୀନ। ତେବେ କଂଗ୍ରେସକୁ ଆଗାମୀ ୫୦ ବର୍ଷ ପର୍ଯ୍ୟନ୍ତ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଆଜି ବିହାର ଓ ପଶ୍ଚିମବଙ୍ଗରେ କଂଗ୍ରେସ ଦୁର୍ବଳ ରହିଛି।

# ମାଟି, କୃଷି ଓ ଚାଷୀ

॥ ଡି ଶୁଭମ୍ ॥

*କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି। ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢ଼ି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢିଛନ୍ତି।*

ସାମ୍ପ୍ରତିକ ସମୟର ବାସ୍ତବ ଚିତ୍ରକୁ ଯଦି ଲକ୍ଷ୍ୟ କରାଯାଏ ଚାଷୀର ମନ କଥା ବୁଝିବାକୁ ଆଜି ଯାଏଁ ବି କେହି ସମର୍ଥ ନୁହନ୍ତି। ଏକ ନିରୀହ ଚାହାଣିରେ ସେ ଅସୁମାରୀ ଲୋକଙ୍କ ମନରେ ଫୁଟାଇ ପାରେ ଅଫୁରନ୍ତ ହସ। ସେଇଥି ପାଇଁ ତ ସେ ମହାନ। ସରକାର ସବୁବେଳେ ଚାଷୀଙ୍କୁ ନିଜ ଫୋକସ୍‌ରେ ରଖିଥାନ୍ତି। ଏକଥା ସତ। କିନ୍ତୁ ସେସବୁ ଯେ ସତରେ କେତେଦୂର ଗ୍ରହଣୀୟ ସେକଥା କେବଳ ନିଜେ ଚାଷୀଟିଏ ହିଁ କହିପାରିବ।

ତିନି ବର୍ଷ ତଳେ ଯେତେବେଳେ କୃଷି ସ୍ନାତକରେ ଚତୁର୍ଥ ବର୍ଷରେ ପଢୁଥିଲି, କୃଷି ପ୍ରଶିକ୍ଷଣ ଦେବା ପାଇଁ ଅନେକ ଗାଁକୁ ଯାଉଥିଲି । ମନରେ ତ ଭୟ ଥିଲା ନିଶ୍ଚୟ। ଚାରି ବର୍ଷର ପାଠପଢ଼ାକୁ ମୁଁ ସେମାନଙ୍କୁ କହିବାକୁ ଯାଉଛି, ହେଲେ ସେମାନେ ତ ତିରିଶ ବର୍ଷ ହେବ ସେଇ ମାଟି ସହ ଜଡ଼ିତ ହୋଇ ଅଛନ୍ତି। ସେଇଥି ଘର , ସେଇଠି ସ୍ୱର୍ଗ। ସେମାନଙ୍କୁ ବି ଆମେ କଣ ପ୍ରଶିକ୍ଷଣ ଦେବୁ। କିନ୍ତୁ ଯେତେବେଳେ ସେ ଚାଷୀଙ୍କ ସହ ବହୁ ପାଖରୁ ମିଶିବାର ସୁଯୋଗ ମିଳିଲା ସେତେବେଳେ ପ୍ରଶିକ୍ଷଣ କମ୍ ଆଉ ଆଳାପ ବେଶୀ ହେଲା। ଅର୍ଥାତ ଏଇ ଚାରି ଘଣ୍ଟାର ପ୍ରଶିକ୍ଷଣ ସମୟ ଭିତରେ ଆମେ ସମସ୍ତେ ଆମ ଜୀବନର ଅନେକ ପୁରୁଣା କଥା ସାଉଁଟି ବସୁ। ସେ ମୁହୂର୍ତ୍ତ ସତରେ ସ୍ମରଣୀୟ। ନିଜେ ଜାଣିବାକୁ ଚେଷ୍ଟା କଲି ସତରେ ଏ ଚାଷରେ ଅଛି କଣ ?

ଆଉ ସେହିଠାରେ ଜାଣିବାକୁ ପାଇଲି ଏବେର ଆଧୁନିକ ଯୁଗରେ ଲୋକ ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି। ଆଉ ମୁଁ ତ ଏହାର ଭୁକ୍ତଭୋଗୀ। ପ୍ରଥମ ବର୍ଷ ଯେବେ କୃଷି ପାଠ୍ୟକ୍ରମରେ ନାଁ ଲେଖାଇଲି , କେତେ କଥା ଗାଁରେ। ପୁଅ ଚାଷ କରିବ ବଡ଼ ହୋଇ , ଆମ ବିଲ ଖାଲି ଅଛି.ଆସିବୁ ପାଠ ପଢ଼ି। ଏମିତି ଅନେକ। ସେତେବେଳେ ତ କିଛି ବୁଝିପାରି ନଥିଲି। କେବଳ ଏତିକି ମନେ ହେଲା ଯେ ସତରେ କଣ ଚାଷ ଏତେ ଖରାପ? ଲୋକ କଣ ପାଇଁ ଏ ପାଠ ପଢ଼ିଲା ବେଳକୁ ଏମିତି କଥା କହୁଛନ୍ତି। ଯଦି କେଉଁ ପିଲା ମେଡ଼ିକାଲ କି ଇଂଜିନିୟରିଂ ପଢୁଛି , କି ଆଇନ ପାଠ ପଢୁଛି ସେବେ ବାହାବାହା ଦେଲା ବେଳକୁ ଏ ପାଠରେ ଏତେ କୁଣ୍ଠାବୋଧ କଣ ପାଇଁ। ଅନ୍ୟପକ୍ଷରେ ସରକାର କୃଷିକୁ ଯଥୋଚିତ ଗୁରୁତ୍ୱ ଦେଉଥିଲା ବେଳେ ଲୋକେ କଣ ପାଇଁ କୃଷି ଶିକ୍ଷାକୁ ନାକ ଟେକୁଛନ୍ତି। ସେ ଯାହା ବି ହେଉ ଏବେ ମୋର ଚାରି ବର୍ଷର କୃଷି ସ୍ନାତକ ଶେଷ ହୋଇଯାଇଛି। ଅନେକ କିଛି ଶିଖିଛି। ଅନେକ ଚାଷୀଙ୍କ ସହ ମିଶିଛି। ଆଉ ମୋ ମତରେ କୃଷି ପାଠ୍ୟକ୍ରମ ମୋ ପାଇଁ ସବୁକିଛି। ଜୀବନର ପ୍ରକୃତ ରହସ୍ୟକୁ ଖୋଜି ଆଣିବାରେ ଏହା ମୋତେ ବାଟ ଦେଖାଇଛି। ଯେତେବେଳେ ଚାଷୀଙ୍କ ସହ ମିଶିବାର ସୁଯୋଗ ମିଳେ, ସେମାନେ ନିଜ ଚାଷବାସର କଥାକୁ ବେଶ ନିଖୁଣ ଭାବେ କହିଚାଲନ୍ତି , ତାହାକୁ ଶୁଣି ଆଖିରୁ ଲୁହ ଆସିଯାଏ। ମନେ ମନେ ଭାବିଲି, ଆମେ ବଡ଼ ଚାକିରୀ ପାଇଁ କେତେ ଲୋଭ କରୁଛନ୍ତି , ବର୍ଷରେ ଚାକିରିର ପ୍ୟାକେଜ କେତେ ଅଛି ପ୍ରଥମେ ଦେଖୁଛନ୍ତି କିନ୍ତୁ ଏମାନଙ୍କ କଥା ଭାବିଲେ। ନା ପ୍ୟାକେଜ , ନା ହାକିମ ହେବାର ଇଚ୍ଛା। ସବୁକିଛି ଏମାନଙ୍କ ଆଗରେ ତୁଚ୍ଛ। ବାସ ଚାଷ ଜମିରେ କେଇ ଘଣ୍ଟା ବିତାଇଦେଲେ ସେମାନଙ୍କର ଆତ୍ମତୃପ୍ତି ମିଳିଯାଏ। କିନ୍ତୁ ଯଦି ଚାଷୀମାନଙ୍କୁ ହିଁ ଅଣଦେଖା କରାଯାଏ , ଏହାଠୁ ବଡ଼ ଦୁଃଖର ବିଷୟ କିଛି ନାହିଁ। ମାଟି କୃଷିର ଏନ୍ତୁଡିଶାଳ। ମୁଦ୍ରାର ଦୁଇପାର୍ଶ୍ୱ ପରି ଉଭୟେ ଅଙ୍ଗାଅଙ୍ଗୀ ଭାବେ ଜଡିତ। ଜଣକ ବିନା ଅନ୍ୟଟି ନିରୁପାୟ। ମାଟି ଉପରେ ହିଁ ଚାଷ କରେ କୃଷକ। ବିପିତ ବିହନ ଗଜାମେଲେ, କର୍ଷଣରେ ଭରିଦିଏ କୃଷକ। ସବୁର ଆଧାର ମାଟି। ନିଜର ସ୍ୱାର୍ଥକୁ ଚରିତାର୍ଥ କରିବାପାଇଁ ମଣିଷ କ'ଣ ବା ନକରୁଛି ? ମାଟି ବୋଲି ଗୋଟିଏ ଶବ୍ଦ ଅଛି ବୋଲି ବି ଆଜି ସେ ଭୁଲିଯାଇଛି। ଜୀବନରେ ସଂଜ୍ଞା ବଦଳିଛି ସତ ଆଉ ତାଭିତରେ ମାଟିର ସଂଜ୍ଞା ଆଜି ଅସ୍ଥିର ପ୍ରାୟ।

କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି । ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢିଛନ୍ତି। ହେଲେ କ'ଣ ହେବ, ସବୁ ଯାହାକୁ ତାହା। ସେ ସବୁ ଆଜି ଚୂଲିମୁଣ୍ଡକୁ ଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ସହିତ ମଣିଷ ଏବେ କୃଷି ପାଇଁ ଜଙ୍ଗଲ କ୍ଷୟ କରୁଛି। ଯେଉଁ ଚେର ଦିନେ ମାଟିର ଭିତରକୁ ଜାବୁଡି ଧରିଥିଲା, ଆଜି ସେ ନିରୁପାୟ ଶ୍ରୀହୀନ। ମାଟି ଫାଟି ଆଁ କରୁଛି ତ୍ରାହି ତ୍ରାହି ଚିତ୍କାର କରୁଛି।

ସମ୍ପ୍ରତି ଭାରତ ବର୍ଷରେ ୧୪୭ ମିଲିୟନ ହେକ୍ଟରର ମୃତ୍ତିକା କ୍ଷୟ ହୋଇସାରିଛି। ସେମଧ୍ୟରୁ ୯୪ ମିଲିୟନ ହେକ୍ଟର ଜଳ ପ୍ରଦୂଷଣ, ୧୬ ମିଲିୟନ ହେକ୍ଟର ବନ୍ୟା, ୯ ମିଲିୟନ ହେକ୍ଟର ବାୟୁ ପ୍ରଦୂଷଣ ଆଉ ୭ ମିଲିୟନ ହେକ୍ଟର ଅନ୍ୟାନ୍ୟ କାରଣ ଯୋଗୁଁ ହେଉଛି। ତେବେ ଯଦି ଏମିତି ପରିମାଣରେ ମୃତ୍ତିକା କ୍ଷୟ ହୁଏ ତେବେ ୨୦୨୫ ବେଳକୁ କୃଷି ପାଇଁ ଜମି ନଥିବ। ସେତେବେଳେ ମଣିଷ କରିବ କ'ଣ? ଯଦି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଏମିତି କରିବାପାଇଁ ପଛାଉନାହିଁ, ତେବେ ଟିକେ ଭାବନ୍ତୁନା ଆଉ କିଛି ଦିନପରେ ଅବସ୍ଥା କ'ଣ ହେବ?

ବ୍ୟବହୃତ ରାସାୟନିକ ସାରର ଅଧିକାଂଶ ମଣିଷ ଖାଦ୍ୟ ଭାବେ ଗ୍ରହଣ କରୁଛି। ଏହା ଜାଣି ବି ସବୁ ଅଜଣା। ତେବେ ମୃତ୍ତିକା ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନା ମାନ କାର୍ଯ୍ୟକାରୀ ହେଉଛି ସତ ସବୁ କାଗଜ କଲମରେ ରହିଯାଉଛି। କୃଷି ଓ କୃଷକଙ୍କ ପାଇଁ ସରକାର ଯୋଜନା ପ୍ରଣୟନ କରୁଛି। ଏହାକୁ କାର୍ଯ୍ୟକାରୀ ବି କରୁଛନ୍ତି। ନିକଟରେ ଜଳସେଚନ ପାଇଁ ସୌର ଜଳନିଧି ଯୋଜନା ଆରମ୍ଭ ହେଲା। ପରନ୍ତୁ ଦୁଃଖର ବିଷୟ ମୃତ୍ତିକା ସଂରକ୍ଷଣ ପାଇଁ ସେମିତି କିଛି ଯୋଜନା ପ୍ରଣୟନ ହେଉନି। ଆଜିବି ଅନେକଙ୍କ ଅଜ୍ଞାତ ଦ୍ୱାରରେ ବିଶ୍ୱ ମୃତ୍ତିକା ଦିବସ। କେତକ କୃଷି ଛାତ୍ର, ବୈଜ୍ଞାନିକ ଆଉ ଅଫିସରଙ୍କୁ ଛାଡିଦେଲେ ବୋଧହୁଏ ଆଉ କେହି ଶୁଣିବି ନଥିବେ। ତେବେ କୃଷି ପାଇଁ ମାଟିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେକଥା ଜମିରେ ଝାଳ ବୁହାଇଥିବା ଚାଷୀ ଭାଇଟିଏ ଜାଣିଛି। ହେଲେ ବିଳାସବ୍ୟସନରେ ଜୀବନ ନିଭାଉଥିବା ମଣିଷ ଜାଣିନି। ମୋ ଲେଖିବାର ଅଭିପ୍ରାୟ ମୁଁ ନିଜେ କୃଷି ସ୍ନାତକ ଅଧ୍ୟୟନରତ। ପରନ୍ତୁ ଦୁଃଖର ବିଷୟ ବିଶ୍ୱ ମୃତ୍ତିକା ଦିବସ ଖାଲି ଦିବସରେ ରହିଯାଉଛି।

ମୃତ୍ତିକା ସଂରକ୍ଷଣ ପାଇଁ ନୂତନବନୀକରଣ, ଜୈବିକ କୃଷି, ଜୈବିକ ଖତ ଯଥା (ଜୀବାମୃତ, ପଞ୍ଚଗବ୍ୟ, ଦଶଗବ୍ୟ, ଅମୃତପାଣି)ର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ମିତ୍ରକୀଟ ସଂଖ୍ୟା ବଢାଇବା ସହ ପାରମ୍ପରିକ ପଦ୍ଧତିରେ ରାସାୟନିକ ସାରର ବ୍ୟବହାରକୁ ବନ୍ଦ କରିବାକୁ ନିଷ୍ପତି ନିଆଯାଉଛି। ନିକଟରେ ୨୫ରୁ ଅଧିକ କୀଟନାଶକକୁ ଭାରତ ସରକାର ସେସବୁର ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଏହା ଏକ ସୁଦୂରପ୍ରସାରୀ ପଦକ୍ଷେପ କହିଲେ ଭୁଲ ହେବନାହିଁ। ଏସବୁ କୀଟନାଶକ ବଦଳରେ ଯଦି ଘରୋଇ ଉପାୟରେ କୀଟନାଶକ ପ୍ରସ୍ତୁତ କରି (ନିମ୍ବପତ୍ରର ରସ)କୁ ବ୍ୟବହାର କରାଯାଆନ୍ତା, ସୁଫଳ ମିଳିବାଟା ଥୟ। ସମୟ ଆସିଛି ଚାଷୀଙ୍କ କଥାକୁ ଗୁରୁତ୍ୱ ଦେବାର। ଚାଷକୁ ଭଲପାଇବାର ।। ନାକ ଟେକିବାନି ବରଂ ନିଜେ ଚାଷ ଓ ଚାଷୀର ଗହନ କଥାକୁ ଅନୁକରଣ କରିବା। କୃଷି ପାଠ୍ୟକ୍ରମକୁ ବି ସମ୍ମାନ ଦେବା। ଆମ ଚାଷୀ ଆମ ଦେଶର ବଳ। ଆମ ଶକ୍ତି ଆଉ ଚେତନାର ପରିମାପକ। ଆମ ସଂସ୍କୃତିର ମୂଳାଧାର। ସେ ଚାଷୀକୁଳକୁ ମୋର କୋଟି ନମନ ...

(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା , ଭୁବନେଶ୍ୱର)

# ଆଧୁନିକ ପଦାର୍ଥ ବିଜ୍ଞାନର ଜନକ

॥ ଡକ୍ଟର ରାଜକିଶୋର ମିଶ୍ର ॥

ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କୁ ଆଧୁନିକ ପଦାର୍ଥ ବିଜ୍ଞାନର ଜନକ କୁହାଯାଇଥାଏ । ସେ ସୈଦ୍ଧାତିକ ଭୌତିକ ବିଜ୍ଞାନ, ବିଶେଷତଃ ଆଲୋକ ବିଦ୍ୟୁତ୍ ବିକିରଣର ସନ୍ଧାନ ପାଇଁ ୧୯୨୧ ମସିହାରେ ନୋବେଲ ପୁରସ୍କାର ପାଇଥିଲେ । ପଦାର୍ଥ ବିଜ୍ଞାନ ଗବେଷଣା କ୍ଷେତ୍ରରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି । ଆଇନ୍‌ଷ୍ଟାଇନ୍ ମୁଖ୍ୟତଃ ଆପେକ୍ଷିକ ତତ୍ତ୍ୱ ଏବଂ ବସ୍ତୁତ୍ୱ ଶକ୍ତି ସମୀକରଣ 'ଇ=ଏମ୍‌ସି ସ୍କୋୟାର୍' ଥିଓରୀର ଉଦ୍ଭାବନ ପାଇଁ ଜଣାଶୁଣା । ଏହାବ୍ୟତୀତ ସାଧାରଣ ଆପେକ୍ଷିକ ତତ୍ତ୍ୱ, ବିଶେଷ ଆପେକ୍ଷିକ ତତ୍ତ୍ୱ, ବିଦ୍ୟୁତ୍ ଚୁମ୍ବକୀୟ ପ୍ରଭାବ, ବସ୍ତୁତ୍ୱ ଶକ୍ତି ସମୀକରଣ, ବ୍ରାଉନିଆନ୍ ଗତି ତତ୍ତ୍ୱ, ଆଇନ୍‌ଷ୍ଟାଇନ୍ ସମୀକରଣ, ବୋଷ ଆଇନଷ୍ଟାଇନ୍ ପରିସଂଖ୍ୟାନ, ୟୁନିଫାଏଡ୍ ଫିଲ୍ଡ ଥିଓରୀ, ଇପିଆର୍ ପାରାଡକ୍ସ ଆଦି ସିଦ୍ଧାନ୍ତର ଉଦ୍ଭାବନ କରିଥିଲେ । ଆଇନ୍‌ଷ୍ଟାଇନ୍ ୫୦ରୁ ଅଧିକ ବିଜ୍ଞାନ ଗବେଷରା ପତ୍ର ଓ ପୁସ୍ତକ ଲେଖିଯାଇଛନ୍ତି । ତାଙ୍କୁ ସର୍ବକାଳୀନ ଶ୍ରେଷ୍ଠ ବୈଜ୍ଞାନିକ ଭାବେ ବିବେଚନା କରାଯାଇଥାଏ । ତାଙ୍କର ପ୍ରଖର ବୁଦ୍ଧିମତା ଅତୁଳନୀୟ । ୧୪ ମାର୍ଚ୍ଚ ୧୮୭୯ରେ ଜର୍ମାନୀର ବୁଟେମ୍‌ବର୍ଗର ଏକ ଇହୁଦୀ ପରିବାରରେ ଆଇନ୍‌ଷ୍ଟାଇନ୍ ଜନ୍ମ ଗ୍ରହଣ କରିଥିଲେ । ପିଲାବେଳେ ଠିକ୍ ଭାବେ କଥା କହିପାରୁନଥିବା ଆଇନ୍‌ଷ୍ଟାଇନ୍ ଜଣେ ମେଧାବୀ ଛାତ୍ର ଥିଲେ ।

ପିଲାଟି ଦିନରୁ ଆଇନଷ୍ଟାଇନ୍ ସର୍ବଦା ନିଃସଙ୍ଗତାକୁ ଭଲ ପାଉଥିଲେ। ଏବଂ ଅନେକ ସମୟ ସିଏ ବଡ଼ଲୋକଙ୍କ ପରି କିଛି ଚିନ୍ତା କରୁଥିବା ପରି ତାଙ୍କ ଆଚରଣ ବାହାରକୁ ପ୍ରଦର୍ଶିତ ହେଉଥିଲା। ତେବେ ଆଇନଷ୍ଟାଇନ୍‌ଙ୍କର ପିତା ଜଣେ ଇଞ୍ଜିନିୟର ଥିବାରୁ ସେ ଚାହୁଁଥିଲେ ତାଙ୍କ ପୁଅଟି ଜଣେ ଦକ୍ଷ ଇଞ୍ଜିନିୟର ହେଉ। ତେବେ ତାଙ୍କୁ ପନ୍ଦର ବର୍ଷ ବୟସ ହେବାପୂର୍ବରୁ ସେ ସକ୍ରେଟିସ୍, ଇଉକ୍ଲିଡ୍, ନିଉଟନ୍, ସିନୋଜା, ବିଥୋଭେନ୍, ହେନ୍ ମେ ଜାଟ୍ ପ୍ରଭୃତି ମହାମନୀଷୀଙ୍କର ରଚିତ ଗ୍ରନ୍ଥସବୁ ଅଧ୍ୟୟନ କରିଥିଲେ। ଏତେ ପଢୁଥିଲେ ମଧ୍ୟ ବେଳେ ବେଳେ ସେ ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିଲେ। ସେ ଥରକରେ ମାଟ୍ରିକ୍ୟୁଲେସନ ପାଶ୍ କରିପାରି ନଥିଲେ। କିନ୍ତୁ ତାଙ୍କର ମନୋବଳ କେବେ ବି ଭାଙ୍ଗିପଡୁ ନଥିଲା। ବହୁ ପୁସ୍ତକ ଅଧ୍ୟୟନକୁ ସେ ତାଙ୍କର ଜୀବନର ଲକ୍ଷ୍ୟ ବୋଲି ଧରିନେଇଥିଲେ। ପିଲାଦିନରୁ ପଦାର୍ଥ ବିଜ୍ଞାନ ଓ ଗଣିତ ଶାସ୍ତ୍ର ପ୍ରତି ବିଶ୍ୱର ଆଇନ୍‌ଷ୍ଟାଇନ୍‌ଙ୍କର ଦୁର୍ବଳତା ରହିଥିଲା ତେବେ ଜୀବିକାର୍ଜନ ପାଇଁ କୌଣସି ମତେ ଶିକ୍ଷକତା କରି ନିଜ ଦାୟିତ୍ୱ ତୁଲାଇବା ପାଇଁ ସେ ସ୍ଥିର କଲେ। ମାନ-ସମ୍ମାନ, ଖ୍ୟାତି-କ୍ଷମତା ଠାରୁ ଦୂରରେ ରହି ଏହି ନିରଳସ ନୀରବ ଗବେଷକ ଦୀର୍ଘ ଛବିଶ ବର୍ଷ ତାଙ୍କର ଗବେଷଣା ଚଳାଇ ୧୯୦୫ ଖ୍ରୀଷ୍ଟାବ୍ଦଠାରୁ ପଦାର୍ଥବିଜ୍ଞାନ ସମ୍ପର୍କରେ ତାଙ୍କର ସନ୍ଦର୍ଭମାନ ପ୍ରକାଶ କରିବାକୁ ଲାଗିଲେ। ତାଙ୍କର ବିଶେଷ ଆପେକ୍ଷିକ ତତ୍ତ୍ୱ ତାଙ୍କୁ ସମଗ୍ର ଜଗତ୍‌ରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ରୂପେ ପରିଚିତ କରାଇଲା। ବିଶ୍ୱବାସୀଙ୍କର ଶ୍ରଦ୍ଧାଞ୍ଜଳି ତାଙ୍କରି ପାଦତଳେ ଅଜାଡ଼ି ହୋଇପଡ଼ିଲା। ୧୯୦୯ରେ ଜୁରିଚ୍ ବିଶ୍ୱବିଦ୍ୟାଳୟର ପଦାର୍ଥବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକରୂପେ ସେ ଯୋଗଦାନ କଲେ। ୧୯୨୧ ଖ୍ରୀଷ୍ଟାବ୍ଦରେ ସେ ବ୍ରିଟିଶ ରୟାଲ୍ ସୋସାଇଟିର ସଭ୍ୟରୂପେ ନିର୍ବାଚିତ ହେଲେ ଓ ୧୯୨୨ ମସିହାରେ ନୋବେଲ ପୁରସ୍କାର ଲାଭ କଲେ। ଦେଶବିଦେଶରେ ଏହି ବିଶ୍ୱବରେଣ୍ୟ ବୈଜ୍ଞାନିକଙ୍କର ସାଧନା ଓ ପ୍ରତିଭାର ସମ୍ବାଦ ପ୍ରଚାରିତ ହେଲା। ୧୯୨୧ ମସିହାରେ ସେ ନୋବେଲ ପୁରସ୍କାର ମିଳିଥିବା ୧ଲକ୍ଷ ୯୨ ହଜାର ଟଙ୍କାକୁ ଦାନ କରି ଦେଇଥିଲେ। ସକ୍ରେଟିସ୍‌ଙ୍କ ପରି ତାଙ୍କର କିଛି ହେଲେ ଆବଶ୍ୟକ ନଥିଲା। ସତ୍ୟାନୁସନ୍ଧାନ ବ୍ୟତୀତ ଆମୋଦ ପ୍ରମୋଦ ବା ବିଳାସ୍ୟବେସନରେ ସମୟ କଟାଇବା କଥା ତାଙ୍କ ମନ ମଧ୍ୟରେ କେବେହେଲେ ସ୍ଥାନ ଲାଭ କରି ନଥିଲା। ୧୯୫୨ରେ ଇହୁଦୀରାଷ୍ଟ୍ର ଇସରାଏଲର ପ୍ରେସିଡେଣ୍ଟ ହେବା ନିମିତ୍ତ ତାଙ୍କୁ ଯେତେବେଳେ ନିମନ୍ତ୍ରଣ କରାଗଲା ସେ ତାହା ପ୍ରତ୍ୟାଖ୍ୟାନ କରିଥିଲେ। ଆଇନଷ୍ଟାଇନ୍‌ଙ୍କର ୧୯୦୫ ମସିହାରେ ପ୍ରଚାର କରିଥିବା ତଥ୍ୟ ବିଶ୍ୱକୁ ତ୍ରସ୍ତ ଚକିତ କରିଥିଲା। ଗୋଟିଏ ଗ୍ରାମ ଜଡ଼ବସ୍ତୁକୁ ଶକ୍ତିରେ ରୂପାନ୍ତରିତ କଲେ ସେହି ଶକ୍ତିରେ କଲିକତାରୁ ଦିଲ୍ଲୀ ଯାଉଥିବା ଗୋଟିଏ ରେଲଗାଡ଼ି କଲିକତାରୁ ଦିଲ୍ଲୀ ଛଅ ଥର ଯିବା ଆସିବା କରିପାରିବ। ତାଙ୍କର ଏହି ତଥ୍ୟ ଜଗତ୍‌କୁ କେବଳ ଚମତ୍କୃତ କରି ନାହିଁ, ମଣିଷର ଜୀବନଧାରାରେ ବିପୁଳ ପରିବର୍ତ୍ତନର ସୂତ୍ରପାତ କରିଛି। ଭାରତୀୟ କାଳଗଣନାର ଧାରାକୁ ପ୍ରକାରାନ୍ତରେ ସେ ମଧ୍ୟ ସ୍ୱୀକୃତି ପ୍ରଦାନ କରିଅଛନ୍ତି। ଗାନ୍ଧିଜୀଙ୍କର ଅହିଂସାବ୍ରତ, କର୍ମଯୋଗ, ସତ୍ୟାନୁରାଗ ଓ ମାନବଜାତିପ୍ରୀତି ତାଙ୍କୁ ତନ୍ମୟ କରିଥିଲା। ତାଙ୍କ ମତରେ ଭବିଷ୍ୟତ ବଂଶଧରମାନେ କେବେ ବିଶ୍ୱାସ କରିବେ ନାହିଁ ଯେ ଏପରି ଜଣେ ରକ୍ତମାଂସଧାରୀ ବ୍ୟକ୍ତି ପୃଥିବୀରେ ବିଚରଣ କରୁଥିଲା। ସମ୍ପଦ ଓ ସମ୍ମାନ ସାଧାରଣ ସଂସାରୀ - ଜୀବନରେ ବ୍ୟତିକ୍ରମ ସୃଷ୍ଟିକରେ, ମାତ୍ର ଜ୍ଞାନୀ ବ୍ୟକ୍ତିର ହୃଦୟକୁ ତାହା ଯେ କଳୁଷିତ କରିପାରେ ନା ଆଇନ୍‌ଷ୍ଟାଇନଙ୍କର ଜୀବନରେ ଏହା ପ୍ରମାଣିତ ହୋଇଥିଲା। ପୃଥିବୀର ଶାନ୍ତି ଓ ପ୍ରଗତି ପାଇଁ ତାଙ୍କର ଜୀବନର ପ୍ରତିଟି ମୁହୂର୍ତ୍ତକୁ ଦାନ କରି ୧୯୯୫ ମସିହା ଏପ୍ରିଲ ମାସ ୧୮ ତାରିଖରେ ସେ ଏହି ଧାମରୁ ଚିରବିଦାୟ ଗ୍ରହଣ କଲେ।

ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦

# ଭାବନାରେ ଭଗବାନ

॥ ଡ଼ ପ୍ରତିଭା ମହାରଥୀ ॥

ସେ ଯାଇ ଠାକୁରଘରେ ଦେଖିଲେ ରାଧାରାଣୀ ନୂଆ ଚୁଡ଼ି ପିନ୍ଧିଛନ୍ତି। ଭାବବିହ୍ୱଳ ହୋଇ ସେ କାନ୍ଦି ପକାଇଲେ। ତହୁଁ କାଚରା ଘରକୁ ଦୌଡ଼ିଯାଇ ପହଞ୍ଚିଲେ ଓ କହିଲେ - ଭାଇ! ତମେ ଭାଗ୍ୟବାନ। ରାଧାରାଣୀଙ୍କୁ ସ୍ପର୍ଶ କରି ଚୁଡ଼ି ପିନ୍ଧାଇଛ। ମତେ କ୍ଷମାକର। ମୁଁ ଅଧମ ବୃଥା ତୁମକୁ ଦୋଷ ଦେଉଥିଲି।

ରାମାୟଣରେ ମଧ୍ୟ ବର୍ଣ୍ଣିତ ଅଛି, ଯେତେବେଳେ ବୀର ହନୁମାନ ସୀତାଙ୍କୁ ଠାବ କରିବାକୁ ଯାଇ ଅଶୋକବାଟିକାରେ ପହଞ୍ଚିଥିଲେ, ସେଠାରେ ସେତେବେଳେ ଶ୍ୱେତରଙ୍ଗର ପୁଷ୍ପ ଫୁଟିଥିଲା, ମାତ୍ର ମହାନ୍ ସନ୍ଥ, ପରମ ରାମଭକ୍ତ ଏକନାଥ ଏକଦା ସୁନ୍ଦରାକାଣ୍ଡରେ ଏହି ବିଷୟ ବର୍ଣ୍ଣନା କଲାବେଳେ ସେଠାରେ ଉପସ୍ଥିତ ଥିଲେ ସ୍ୱୟଂ ହନୁମାନ। କାରଣ ଶ୍ରୀରାମ ନାମ ଓ ଶ୍ରୀରାମକଥା ଯେଉଁଠି, ବୀରହନୁମାନ ସେଇଠି। ତେଣୁ ନିଜେ ସ୍ୱୟଂ ପ୍ରକଟ ହୋଇ ଏକନାଥଙ୍କୁ ବିରୋଧ କରି, ସେତେବେଳେ ରକ୍ତବର୍ଣ୍ଣର ଫୁଲ ଫୁଟିଥିବାର ସେ ଦେଖିଛନ୍ତି ବୋଲି ଯୁକ୍ତି ବାଢ଼ିଲେ। ଏକନାଥ ମଧ୍ୟ ନିଜ କଥାରେ ଅଟଳ ରହିଲେ। ଶେଷକୁ ଦୁହିଁଙ୍କ ବିବାଦର ସମାଧାନ ସ୍ୱୟଂ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କୁ କରିବାକୁ ପଡ଼ିଥିଲା। ସେ କହିଲେ ଉଭୟେ ଉଭୟଙ୍କ ସ୍ଥାନରେ ଠିକ୍ ଅଛନ୍ତି। ଅର୍ଥାତ୍ ପ୍ରକୃତରେ ଶ୍ରୀହନୁମାନଙ୍କ ଗସ୍ତ ସମୟରେ ଶ୍ୱେତରଙ୍ଗର ହିଁ ପୁଷ୍ପ ଫୁଟିଥିଲା, ଯାହା ଏକନାଥ ବର୍ଣ୍ଣନା କରିଛନ୍ତି, ମାତ୍ର ବୀରହନୁମାନ ମାତା ସୀତାଙ୍କୁ ଅଶୋକବାଟିକାରେ ବନ୍ଦିନୀ ଅବସ୍ଥାରେ ଦେଖି ହଠାତ୍ କ୍ରୋଧାନ୍ୱିତ ହୋଇଯିବାରୁ ତାଙ୍କୁ ସେହି ପୁଷ୍ପ ରକ୍ତବର୍ଣ୍ଣ ପରି ପ୍ରତୀୟମାନ ହୋଇଥିଲା।

ଭାବଗ୍ରାହୀ ପ୍ରଭୁ ଭକ୍ତର ଅନ୍ତରକୁ ଦେଖିପାରନ୍ତି, ମନରେ ସୃଷ୍ଟି ହେଉଥିବା ପ୍ରତ୍ୟେକ ଚିନ୍ତାକୁ ଜାଣିପାରନ୍ତି। ଭକ୍ତ ପ୍ରତିଜ୍ଞା କରିଥିଲେ ପ୍ରଭୁଙ୍କୁ ସେ ଅସ୍ତ୍ର ଧାରଣ କରାଇବେ। ଭକ୍ତର ସେହି ପ୍ରତିଜ୍ଞା ପୂରଣ କରାଇ ନ ପାରିଲେ ସିଏ କି ପ୍ରଭୁ!! ତେଣୁ ନିଜର ପ୍ରତିଜ୍ଞା ଭାଙ୍ଗି ସେ ଅସ୍ତ୍ରଧାରଣ କରିଥିଲେ। ପୁଣି ସଖାର ସମ୍ମାନ ରକ୍ଷା ପାଇଁ ଆକ୍ରମଣରୁ ଓହରିଯାଇ ସେ ନିଜର ମୂଳ ପ୍ରତିଜ୍ଞା ପାଳନ କଲେ। ସେହି ପ୍ରଭୁଥିଲେ ଚକ୍ରଧାରୀ ଶ୍ରୀକୃଷ୍ଣ। ମହାହଭାରତ ଯୁଦ୍ଧରେ ସଖା ଅର୍ଜୁନଙ୍କର ସାରଥୀ। ଆଉ ସେହି ପରମଭକ୍ତ ଯାହାଙ୍କ ପାଇଁ ଅସ୍ତ୍ରଧାରଣ କରିଥିଲେ, ସିଏ ଥିଲେ ପିତାମହ ଭୀଷ୍ମ, କେବେ କେଉଁ ଭକ୍ତର ମନକୁ ଊଣା କରିନଥିବା ସେହି ଭାବଗ୍ରାହୀ ଭଗବାନଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣାମ।

ମହାନ ସନ୍ଥ ନାମଦେବ ଆତ୍ମଜ୍ଞାନର ଅଧିକାରୀ, ସମଦର୍ଶୀ ଥିଲେ। ଥରେ ସେ ଜଙ୍ଗଲରେ ଗୋଟିଏ ଗଛମୂଳେ ଏକାକୀ ରୁଟି ତିଆରି କରୁଥିଲେ। ରୁଟି ପ୍ରସ୍ତୁତ କରି ଘିଅ ଲଗାଇ ଭୋଜନ କରିଥାନ୍ତେ। ଏହି ଅବସରରେ କେଉଁଠୁ ଗୋଟିଏ କୁକୁର ଆସି ଗୋଟିଏ ରୁଟି ମୁହଁରେ ଧରି ପଳାଇଗଲା। ନାମଦେବ ତାହା ଦେଖି ଘିଅ ଠେକି ହାତରେ ଧରି କୁକୁର ପଛେ ପଛେ ଧାଇଁଥାନ୍ତି ଏବଂ କହୁଥାନ୍ତି - ପ୍ରଭୁ ଆପଣ ଟିକେ ରହିଯା'ନ୍ତୁ। ମୁଁ ରୁଟିରେ ଘିଅ ମାରିଦିଏ, ତାପରେ ଆପଣ ଖାଇବେ। ମୁଁ ଘିଅଲଗା ରୁଟି ଖାଇବି, ଆପଣ ଖାଲି ରୁଟି ଖାଇବେ ଏ କଥା କେମିତି ହେବ। ମୋ ଉପରେ ଦୟାକରି ଆପଣ ଟିକେ ରହିଯା'ନ୍ତୁ ପ୍ରଭୁ। ନାମଦେବଙ୍କ କଥା ମାନି କୁକୁର ରହିଗଲା ଏବଂ ସେ ତା' ପାଟିରୁ ରୁଟି ଆଣି ଘିଅମାରି ଖୁଆଇଲେ। ହଠାତ୍ କୁକୁର ପରିବର୍ତ୍ତିତ ହୋଇଗଲେ ଚତୁର୍ଭୁଜ ନାରାୟଣ ରୂପରେ। ନାମଦେବ ତାଙ୍କ ପାଦତଳେ ଲୋଟିପଡ଼ି ଚରଣ ବନ୍ଦନା କଲେ ଏବଂ ନାରାୟଣ, ନାମଦେବଙ୍କୁ କୋଳାଗ୍ରତ କରି ଆଶୀର୍ବାଦ କଲେ। ଏହା ହେଉଛି ନାମଦେବଙ୍କର ଆତ୍ମାନୁଭବ ଏବଂ ସମଦର୍ଶୀତା। ସକଳ ଘଟରେ ନାରାୟଣ (ମହାରାଷ୍ଟ୍ରରେ ବିଠଲ) ଅଛନ୍ତି ବୋଲି ସେ ଦୃଢ଼ ଭାବେ ବିଶ୍ୱାସ ଓ ଅନୁଭବ କରୁଥିଲେ।

ଭାବର ଠାକୁର ସେ, ଯୁଗେ ଯୁଗେ ଭାବରେ ବନ୍ଧା ହୋଇଥାଆନ୍ତି। ଶ୍ରଦ୍ଧାରେ ଯିଏ ଯାହା ଟେକିଦିଏ ପ୍ରଭୁ ସ୍ୱୀକାର କରନ୍ତି। ମାୟା, ମୋହ ଭରା ଏ ଦୁନିଆରେ କିଛି ବି ନିତ୍ୟ ନୁହେଁ, ସବୁ ଅଳୀକ, କ୍ଷଣିକ। କେବଳ ହରିନାମ ହିଁ ସତ୍ୟ। ସେଥିପାଇଁ କୁହାଯାଏ ହରି ଅନନ୍ତ ହରିକଥା ଅନନ୍ତ। ବିଷୟ ବାସନାରେ ବନ୍ଧା ହୋଇ ଏ ମଣିଷ ଆଜି ହରିଙ୍କଠୁ ଦୂରେଇ ଯାଉଛି। ଯେତେବେଳ ପର୍ଯ୍ୟନ୍ତ ଏ ମଣିଷ ମାୟାକୁ ସମ୍ମୁଖରେ ରଖିବ ସେତେବେଳ ଯାଏ ତା ଦେହର 'ଛାଇ' ତା ସମ୍ମୁଖରେ ହିଁ ରହିବ କିନ୍ତୁ ଯେତେବେଳୋ ମଣିଷ ସୂର୍ଯ୍ୟଙ୍କ ଆଡ଼କୁ ମୁହଁ କରି ଠିଆହେବ, ସେତେବେଳେ ତାର ଛାଇ ତା ପଛପଟକୁ ହିଁ ଚାଲିଯିବ। ସୂର୍ଯ୍ୟ ହେଲେ ଆଲୋକ, ଆଲୋକ ହେଲା ସତ୍ୟ। ଆଉ ସତ୍ୟ ହିଁ ଈଶ୍ୱର। ଅର୍ଥାତ୍ ଯେତେବେଳୋ ମନୁଷ୍ୟ ଈଶ୍ୱରଙ୍କୁ ସମ୍ମୁଖରେ ରଖିବ ସେତେବେଳେ ଛାୟାରୂପୀ ମାୟା (ଅସତ୍ୟ) ତାର ପଛପଟକୁ ପଳାୟନ କରିବ। ପ୍ରକୃତ ଭକ୍ତ ଯିଏ ସିଏ ଜଡ଼ଠୁ ଚେତନ ସବୁ ଭିତରେ ଭଗବାନଙ୍କୁ ଦର୍ଶନ କରିଥାଏ।

ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର
ମୋ - ୯୪୩୭୦୩୬୮୦୯



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ତିନି ବାତ୍ୟା ଆଶ୍ରୟ ସ୍ଥଳରେ ମକଡ୍ରିଲ



ହାଟଡିହି, (ମହାଭାରତ): ହାଟଡିହି ବ୍ଲକ ର ଗୁରୁବାର ଦିନ ସମ୍ଭାବ୍ୟ ବନ୍ୟା, ବାତ୍ୟା ଆଶଙ୍କାକୁ ରଖି ବନ୍ୟା ବାତ୍ୟା ପ୍ରଭାବିତ ଅଞ୍ଚଳ ରେ ମକଡ୍ରିଲ ଆରମ୍ଭ ହୋଇଥିଲା। ଏଥିରେ ଉପ ଜିଲ୍ଲାପାଳ ନୀଳମାଧବ ସୁନାଙ୍କ ସଭାପତିତ୍ୱରେ ମୁଖ୍ୟ ଦାୟିତ୍ୱ ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ହାଟଡିହି ବ୍ଲକର ବିଡ଼ିଓ ରଞ୍ଜନ କୁମାର ପରିଡ଼ାଙ୍କସହ ଆମ୍ଭୋ ରେ ଆମ୍ଭୋ ସରପଞ୍ଚ ହାବଳେଶ୍ୱର, ଆଇତିପୁର ସରପଞ୍ଚମାନେ ଏହି ମକଡ୍ରିଲ ଯୋଗ ଦେଇଥିଲେ। ଏହାକୁ ବ୍ଲକ ପକ୍ଷରୁ ପଞ୍ଚାୟତ ର ଯନ୍ତ୍ରୀ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୌଣସି ପଞ୍ଚାୟତରେ କାମ କରୁନି ଜଳ ପରୀକ୍ଷଣ କମିଟି

ହାଟଡିହି, (ମହାଭାରତ): ବ୍ଲକର ପ୍ରାୟ ୩୧ ପଞ୍ଚାୟତରେ ଏବେ କେନ୍ଦ୍ର ସରକାରଙ୍କ ହର ଘର ଜଳ ଯୋଜନାରେ ଟ୍ୟାପରେ ପ୍ରତି ପରିବାରକୁ ପାଣି ଯୋଗାଇ ଦିଆଯାଉଥିବା ଦେଖିବାକୁ ମିଳୁଛି। କିନ୍ତୁ ଏହି ଜଳର ଶୁଦ୍ଧତା ପାଇଁ ଏକ ଜଳ ପରୀକ୍ଷଣ କମିଟି ଗଠନ କରାଯାଇଛି। ସେମାନଙ୍କୁ ପଞ୍ଚାୟତ ପକ୍ଷରୁ ତାଲିମ ମଧ୍ୟ ଦିଆଯାଇ ଥିଲା। କିନ୍ତୁ ଏବେ ହଇଜା ରୋଗରେ ପୁରା ଜିଲ୍ଲା ଆକ୍ରାନ୍ତ ହୋଇ ଥିବାବେଳେ ତାଲିମ ପ୍ରାପ୍ତ ଜଳ ପରୀକ୍ଷକ ମାନେ କାହିକି କାମ କରୁ ନାହାନ୍ତି ବୋଲି ତାକୁ ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଏବେ ବଡ ପ୍ରଶ୍ନ ବା ସୃଷ୍ଟି ହୋଇଛି।

## ଜିଲ୍ଲାସ୍ତରୀୟ ବିକାଶ ମେଳା ପଞ୍ଚମ ସନ୍ଧ୍ୟାର କାର୍ଯ୍ୟକ୍ରମ



ଗଜପତି, (ମହାଭାରତ): ଆଜି ଜିଲ୍ଲାସ୍ତରୀୟ ବିକାଶ ମେଳା, ପରମ୍ପାରିକ ଖାଦ୍ୟ ମେଳା ଓ ଆମ୍ବ ମେଳାର ପଞ୍ଚମ ସନ୍ଧ୍ୟା କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନୋରମା ଦେବୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସନ୍ତୋଷ କୁମାର ନାୟକ, ଜିଲ୍ଲା ଶିଳ୍ପ ପରିଚାଳକ ଶ୍ରୀ ସୁନାରାମ ସିଂ ଓ ଓଡ଼ିଶା ଜୀବିକା ମିଶନ ଗଜପତି ଶ୍ରୀ ଟିମନ ବାରା ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ହିତାଧିକାରୀଙ୍କୁ ପ୍ରାଞ୍ଜଳ ଭାବରେ ସଚେତନତା କରେଇଥିଲେ । ଆଜିର ପଞ୍ଚମ ସନ୍ଧ୍ୟାର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଶ୍ରୀ ଶଙ୍କର କେରକେଟା,ଉପ-ଜିଲ୍ଲାପାଳ ଶ୍ରୀଯୁକ୍ତ ଅନୁପ ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ପ୍ରକଳ୍ପ ନିର୍ଦ୍ଦେଶକ , ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଗଜପତି ଶ୍ରୀ ସୁରେଶ କୁମାର ପଟ୍ଟନାୟକ ଗୋସାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିଲେ। ପରେ ପରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସମଲେଇ ନୃତ୍ୟ ଅନୁଷ୍ଠାନ , ଡ୍ରିମ୍ ଡେନ୍ସ ଷ୍ଟୁଡ଼ିଆ, ବଜରଙ୍ଗ ସୌରା ଡାନ୍ସ ଗ୍ରୁପ ଓ ବନଖଣ୍ଡ ବିଭାଗ ତରଫରୁ ସଚେତନତା ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଡେପୁଟି ସିଓ ଓରମାସ୍ ଶ୍ରୀ ସୁଭଲ ଜେନାମଣି, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ସହକାରୀ ନିର୍ବାହୀ ଅଧିକାରୀ ଶ୍ରୀ ଭେଙ୍କଟ ରାଓ ଆଚାରୀ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରଣାଗୁଣ୍ଡି ତଳ ସାହିରେ ଏବେ ବି ଲୋକେ ପିଉଛନ୍ତି ଝରଣା ପାଣି

ଦାନଗଦୀ: (ମହାଭାରତ): ଗ୍ରୀଷ୍ମର ତେଜ ଯାଉ ଯାଉ ବର୍ଷ ର ଆଗମନ ସହିତ ଋତୁ ପରିବର୍ତନ ହେଉଥିବା ବେଳେ ଧରା ପୃଷ୍ଠକୁ ଅନେକ ପ୍ରକାର ରୋଗ ବ୍ୟାପି ରହିଛି। ବର୍ଷା ଋତୁ ଆରମ୍ଭରୁ ହଇଜା ସଂକ୍ରାମକ ବ୍ୟାପିଗଲାଣି। ରୋଗ ରେ ଅନେକ ଆକ୍ରାନ୍ତ ଆସୁଛି ବର୍ଷା ଦିନ ସଚେତନ ସୁରକ୍ଷିତ ରହିବା ସହ ସମସ୍ୟାର ବାଟ ଖଡିବାପାଇଁ ସରକାରଙ୍କ ଯୋଜନା ପ୍ରତିବନ୍ଧକ ସାଜିଛି ଗ୍ରାମାଞ୍ଚଳ ମାନଙ୍କ ରେ ପରିମଳ ବ୍ୟବସ୍ଥା ବିପ୍ରଯ୍ୟସ୍ତ ହୋଇ ପଡିଛି, କଲ୍ୟାଣରେ ଲାଗୁନାହିଁ ଗାଁ କଲ୍ୟାଣ ସମିତି, କଳିଙ୍ଗନଗର ଶିଳ୍ପାଞ୍ଚଳ ପାଚେରୀ ପାଖକୁ ଲାଗିକି ଥିବା ରଣା ଗୁଣ୍ଡି ର ତଳସାହି,ଏହି ଗ୍ରାମାଞ୍ଚଳରେ ବସବାସ କରୁଥିବା ବାସିନ୍ଦା ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ ସାଧାରଣ ପିଇବା ପାଣି ମୁନ୍ଦେ ଠିକ ରେ ପାଇ ପାରୁନଥିବା ଦେଖିବାକୁ ମିଳିଛି । ବର୍ତମାନ ଏକ ସପ୍ତାହ ହେଲା ଦାନଗଦି ବ୍ଲକ ରେ ଝାଡା ବାନ୍ତି ହୋଇ ପାଞ୍ଚଜଣ ରୁ ଉର୍ଦ୍ଧ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଶହ ରୁ ଅଧିକ ଆକ୍ରାନ୍ତ ହେଲେଣି, କିନ୍ତୁ ଗ୍ରାମାଞ୍ଚଳ ରେ ଲୋକଙ୍କୁ ଏବେବି ସଚେତନତା କରି ନାହାନ୍ତି କେହି,ଆଶା ଓ ଅଙ୍ଗନବାଡି କର୍ମୀ, ହାଲୋଜେନ ବଟିକା ବଣ୍ଟନ ହେଉ ନାହିଁ,ଦାନଗଦୀ ବ୍ଲକ ରଣାଗୁଣ୍ଡି ପଞ୍ଚାୟତର ପାଞ୍ଚ ନମ୍ବର ୱାର୍ଡ ଦଳିତ ତଳସାହି,ଏହି ଦଳିତ ସାହିର ୩୦ ଟି ପରିବାର ଏପ୍ରଯ୍ୟନ୍ତ ସରକାରୀ ସୁବିଧାରୁ ବଞ୍ଚିତ ଅଛନ୍ତି, ଚାରିପାଖରେ ଚାଷ ଜମି ମଝିରେ ଏହି ପୁରୁଣା ସାହିଟି କାହିଁ କେଉଁ ଅମଳରୁ ଅଛି, ଏଠିକାର ଲୋକମାନେ ଦିନ ମଜୁରିଆ ଭାବେ ନିଜର ପରିବାର ପ୍ରତିପୋଷଣ କରନ୍ତି, ଦୁଃଖ ଅନାଟନରେ ଜୀବନ ଅତିବାହିତ କରନ୍ତି।ଏହି ସାହି ବାସିନ୍ଦା ପାନୀୟ ଜଳ ଭାବେ ବିଲ ମଝିରେ ଥିବା ଝରଣା ଉପରେ ନିର୍ଭର ଶାଳି, ସ ଝରଣା ପାଣି କୁ ନିର୍ଭର କରି ଗାଧୁଆ ପାଧୁଆ କରନ୍ତି ପିଇବା ପାଇଁ ପାଣି ମଧ୍ୟ ବ୍ୟବହାର କରନ୍ତି , ମହିଳା ଓ ଝିଅ ମାନେ ଗରା, ବାଲିଟି ରେ ଧରି ସକାଳ ଓ ସନ୍ଧ୍ୟା ସମୟରେ ଏହି ଚୁଆ ଜଳଉତ୍ସ ରୁ ପାଣି ପାଇଁ ଭିଡ଼ ଲଗାନ୍ତି, ବଡ଼ ଆଶ୍ଚର୍ଯ୍ୟ ର କଥା ସେଇ ଗୋଟିଏ ଝରଣା ତୁଠ ରେ ଛେଳି, ଗାଈ, ଗୋରୁ, କୁକୁର ମଣିଷ ପାଣି ପିଉଛନ୍ତି ଓ ଗାଧୁଆପାଧୁଆ କରୁଥିଲେ ହେଁ, ଏହି ତଳସାହି ରେ ଯେଉଁ ଗୋଟିଏ ନଳକୂଅ ଅଛି ସେଥିରେ ଲୌହ ମିଶା ପାଣି ବାହାରୁ ଥିବାରୁ ଲୋକେ ସେ ପାଣିକୁ ବ୍ୟବହାର ଉପଯୋଗୀ ନୁହେଁ,ତେଣୁ ବ୍ଲକ ରେ ଏବେ ହଇଜା ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଏ ତଳ ସାହି ବାସିନ୍ଦା ମାନଙ୍କୁ ବିଲ ମଝିରେ ଥିବା ଖୋଲା ପାଣି ବ୍ୟବହାର ନ କରିବା ପାଇଁ ସଚେତନ କରିବ ନିହାତି ଆବଶ୍ୟକ। ତେଣୁ ଏଥିପ୍ରତି ସ୍ୱାସ୍ଥ୍ୟ ଓ ପାନୀୟ ଜଳ ବିଭାଗ ଦୃଷ୍ଟି ଦେବା ସହ ଜଳ ଉତ୍ସ ଗୁଡିକୁ ବିଶୋଧନ କରିବା ଦରକାର ବୋଲି ସାଧାରଣ ରେ ଆଲୋଚନା ହେଉଛି।

# ନିମ୍ନମାନର ରାସ୍ତା କାମ କରି ଟଙ୍କା ଲୁଟ୍ ପାଇଁ ଠିକାଦାର ଏବଂ ଜେଇଙ୍କ ମଧ୍ୟରେ ମଧୁଚନ୍ଦ୍ରିକା



ରଣପୁର, (ମହାଭାରତ) : କାଦୁଅ ମାଟି ରାସ୍ତା ଉପରେ ପିଚୁ ପକାଇ ଲକ୍ଷ ଲକ୍ଷ ଟଙ୍କା ହରି ଲୁଟ୍ ପାଇଁ ଉଦ୍ୟମ ବେଳେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ିଛି ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା। ଏଭଳି ଘଟଣା ଦେଖିବା ପାଇଁ ମିଳିଛି ନୟାଗଡ଼ ର ରଣପୁର ବ୍ଲକ୍ ଅଞ୍ଚଳରେ। ଆର୍.ଡି ବିଭାଗ ପକ୍ଷରୁ ଗମ୍ଭାରି ଖୋଲଠାରୁ ବୃନ୍ଦାବନପୁର ପଞ୍ଚାୟତର ବିନୋଦପଡା ଗାଁକୁ ସଂଯୋଗ କରୁଥିବା ତିନି କିଲୋମିଟର ପିଚୁ ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ହୋଇଛି ୪୫ ଲକ୍ଷ ଟଙ୍କା। ସେପଟେ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନ ମାନର ହୋଉଛି। ଠିକାଦାର ଫଲ୍ସ ବିଲ୍ କରିବା ପାଇଁ ରାତିରେ ପିଚୁ କାମ କରିଛି। ଏହାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ନିମ୍ନ ମାନର କାମର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା। ସେପଟେ ଦାୟିତ୍ୱ ଥିବା ଜେଇ ଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ପିଚୁ ରାସ୍ତା କୁ ହାତ ମାରିଲେ ଆପେ ଆପେ ରାସ୍ତା ରୁ ଉଠି ଯାଉଛି ପିଚୁ। ଫଲ୍ସ ବିଲ୍ ପାଇଁ ରାତି ଅଧରେ ନିମ୍ନ ମାନର ପିଚୁ ରାସ୍ତା ନିର୍ମାଣ କାର୍ଯ୍ୟ କରି ହଟହଟା ର ସମ୍ମୁଖୀନ ହୋଇଛନ୍ତି ଆର୍.ଡି ର ଜେଇ ଦିଲ୍ଲିପ ବରାଳ। ଗତ ସପ୍ତାହ ଶୁକ୍ରବାର ରାତିରେ ତରବରିଆ ଭାବେ ପିଚୁ ରାସ୍ତା କରିବାକୁ ନେଇ ନୟାଗଡ଼ ର ରଣପୁର ବ୍ଲକ୍ ? ବିନୋଦପଡା ଗାଁରେ ପ୍ରତିବାଦର ସ୍ୱର ଦେଖିବା ପାଇଁ ମିଳିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ହେଉଥିବା ବେଳେ ଏହାକୁ ବିରୋଧ କରି ପ୍ରତିବାଦ କରିଛନ୍ତି ବିନୋଦପଡା ବାସିନ୍ଦା। ରାତିରେ ପିଚୁ କାମ କରିବା କୁ ନେଇ ସ୍ଥାନୀୟ ବାସିନ୍ଦା ଆର୍.ଡି ର କନିଷ୍ଠଯନ୍ତ୍ରୀ ( ଜେଇ ) ଦିଲ୍ଲିପ ବରାଳ ଙ୍କୁ ଅଟକ ରଖିବା ପରେ ରାସ୍ତା କାମ ବନ୍ଦ ହୋଇଛି। ଖବର ପାଇ ରଣପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଜେଇ ଦିଲ୍ଲିପ ବରାଳ ଙ୍କୁ ଉଦ୍ଧାର କରିଥିଲା। ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ଠିକାଦାରଙ୍କ ଠାରୁ ପୁଲିସ ଲାଞ୍ଚ ପାଇ ଗାଁ ଲୋକଙ୍କୁ ନାଲି ଆଖି ଦେଖାଇବା ସହ ମାଡ ମାରିଛି। ସେପଟେ ଗ୍ରାମବାସୀ ଙ୍କ ବିରୋଧ ସତ୍ତ୍ୱେ ଅବଶିଷ୍ଟ ରାସ୍ତାକୁ ଠିକାଦାର ନିମ୍ନ ମାନର ପିଚୁ ପକାଇ କାମ ସାରି ଦେଇଛି। ନିମ୍ନ ମାନର ପିଚୁ କାମ ହୋଇଥିବା ରୁ ରାସ୍ତାର ସ୍ଥାୟିତ୍ୱ ନେଇ ବିନୋଦପଡ଼ା ଲୋକେ ପ୍ରଶ୍ନ ଉଠାଇଛନ୍ତି। ଗତ ସପ୍ତାହ ଶୁକ୍ରବାର ରାତିରେ ହୋଇଥିବା ଏହି ପିଚୁ କାମ ଶନିବାର ସକାଳେ ହାତ ମାରିଲେ ଆପେ ଆପେ ଉଠି ଯାଇଛି। ଏହାକୁ ନେଇ ବିନୋଦପଡ଼ାରେ ଉତ୍ତେଜନା ଦେଖିବା ପାଇଁ ମିଳିଛି। ସ୍ଥାନୀୟ ବାସିନ୍ଦା ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି। ସୂଚନା ଅନୁଯାୟୀ ଗମ୍ଭାରିଖୋଲ ଠାରୁ ବୃନ୍ଦାବନପୁର ପଞ୍ଚାୟତ ବିନୋଦପଡା ଗାଁକୁ ସଂଯୋଗ କରୁଥିବା ତିନି କିଲୋମିଟର ଏହି ଘାଟି ରାସ୍ତା ପାଇଁ ୪୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ରାସ୍ତାରେ ଏକ ଇଞ୍ଚି ର ପିଚୁ ପକାଇବା ସହ ତିନି ମିଟର ଓ ୭୫ ଫୁଟ ଓସାରର ପିଚୁ ରାସ୍ତା ନିର୍ମାଣ ପାଇଁ ଏଷ୍ଟିମେଣ୍ଟ ରେ ନିର୍ଦ୍ଦେଶ ରହିଛି। କିନ୍ତୁ ନିମ୍ନ ମାନର ରାସ୍ତା କାମ କରି ଲକ୍ଷ ଲକ୍ଷ ଟଙ୍କା ହରି ଲୁଟ୍ ପାଇଁ ଠିକାଦାର ଏବଂ ଜେଇ ଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଲୋକଙ୍କ ହାତରେ ଧରାପଡ଼ି। ରାତି ଅଧରେ କାଦୁଅ ମାଟି ରାସ୍ତାରେ ପିଚୁ ପକାଇ ଫଲ୍ସ ବିଲ୍ କରିବା ପାଇଁ ଯୋଜନା କରୁଥିବା ବେଳେ ବିନୋଦପଡା ଗାଁ ଲୋକେ ଏହାକୁ ବିରୋଧ କରିଥିଲେ। ହେଲେ ଗାଁ ଲୋକଙ୍କ ବିରୋଧ ସତ୍ତ୍ୱେ ଆର୍.ଡି ବିଭାଗର ଜେଇ ଏବଂ ରଣପୁର ପୁଲିସ ଙ୍କ ଉପସ୍ଥିତିରେ ଅଢ଼େଇ କିମି ରାସ୍ତା ଜବର ଦସ୍ତି ନିମ୍ନ ମାନର କାମ କରିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଠିକାଦାର ଏବଂ ଜେଇ ବାବୁଙ୍କ ଗୁଣ୍ଡାଗିରି ଧମକ ରେ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇ ଚୁପ ରହିଥିବା ଅଭିଯୋଗ କରିଛନ୍ତି। ପିଚୁ ରାସ୍ତାର କାମ ନିମ୍ନମାନର ହେଉଥିବାରୁ ଗାଁ ଲୋକ ଅଭିଯୋଗ କରିବା କ'ଣ ଭୁଲ୍। ହେଲେ ଗାଁ ଲୋକଙ୍କୁ ବଦନାମ କରିବା ପାଇଁ ଆରଡି ଜେଇ ଦିଲ୍ଲିପ ବରାଳ ରଣପୁର ପୁଲିସ ଙ୍କୁ ଲଗାଇ ମାଡ଼ ମାରିବା ସହ ଜବରଦସ୍ତ କାମ କରିବା କେତେଦୁର ଠିକ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ସରକାର ଲୋକଙ୍କ ଉନ୍ନତି ପାଇଁ ସଡ଼କ ପରି ବିଭିନ୍ନ ଉନ୍ନୟନ କାମ କରୁଛନ୍ତି। ହେଲେ ଯେଉଁ ମାନଙ୍କ ପାଇଁ କାମ ହେଉଛି ସେମାନଙ୍କୁ ନାଲି ଆଖି ଦେଖାଇ ତରବରିଆ ଭାବେ ନିମ୍ନ ମାନର କାମ କରିବା ଏବଂ କାଦୁଅ ମାଟି ରାସ୍ତା ଉପରେ ପିଚୁ କରାଯିବା କ'ଣ ଠିକ୍। ଆର୍.ଡି ବିଭାଗର ଏଭଳି କାମ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଗତ ସପ୍ତାହ ରେ ଶୁକ୍ରବାର ରାତିରେ ଯେଉଁ ପିଚୁ ହୋଇଛି ତାହା ଶନିବାର ଦିନ ଆପେ ଆପେ ବାହାରି ପଡିଲାଣି। ରାସ୍ତାରେ ଚାଲିଲେ ଆପେ ଆପେ ପିଚୁ ଉଠି ଯାଉଛି। ଏଣୁ ଏହି ନିମ୍ନ ମାନର ପିଚୁ କାମ କେତେଦିନ ଯିବ ବୋଲି ପ୍ରଶ୍ନ କରିଛନ୍ତି ବିନୋଦପଡା ଗ୍ରାମବାସୀ। ସେପଟେ ଦୋଷ ଲୁଚେଇବା ପାଇଁ ଆର୍.ଡି ର ଜେଇ ଦିଲ୍ଲିପ ବରାଳ ବାବୁଙ୍କ ସେଇ ଚିରାଚରିତ ଉତ୍ତର କାଦୁଅ ମାଟି ଉପରେ ପିଚୁ ପକାଇବା ରେ ଅସୁବିଧା କ'ଣ। ରାତିରେ ପିଚୁ କାମ କଲେ କିଛି ଅସୁବିଧା ନାହିଁ । ଗାଁ ଲୋକ ମାନେ ମତେ ଦୁଇ ଲକ୍ଷ ଟଙ୍କା ଚାନ୍ଦା ମାଗିଲେ। ମୁଁ ନ ଦେବାରୁ ରାସ୍ତା କାମ ନିମ୍ନମାନର ଦର୍ଶାଇ ବିରୋଧ କରୁଛନ୍ତି। ସେପଟେ ନୟାଗଡ଼ ର ପ୍ରଭାରି ତଥା ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ କହିଛନ୍ତି ଭିଡିଓ ଓ ଫଟୋଚିତ୍ର ଦିଅନ୍ତୁ। ମୁଁ ଆର୍.ଡି ବାଭାଗ ର ସଚିବ ଓ ମନ୍ତ୍ରୀ ଙ୍କୁ କହିବି। ବିଭାଗ ପକ୍ଷରୁ ତଦନ୍ତ କରି ଦୋଷୀ ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ରାଜ୍ୟ ସରକାର ନେବେ। ଗତ ପାଞ୍ଚ ବର୍ଷ ତଳେ ଏହି ରାସ୍ତା ଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କାମ ହୋଇଥିବା ବେଳେ ନିମ୍ନ ମାନର କାମ ପାଇଁ ବର୍ଷକ ମଧ୍ୟରେ ରାସ୍ତାରୁ ପିଚୁ ଉଠିଗଲା। ପୁଣି ସେହି ରାସ୍ତା କୁ ସଫା ନକରି କାଦୁଅ, ପଙ୍କ ରାସ୍ତା ଉପରେ ପିଚୁ ପକାଇ ଲକ୍ଷ ଲକ୍ଷ ଟଙ୍କା ହରି ଲୁଟ୍ କରିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ବାସିନ୍ଦା ହାତରେ ଧରା ପଡିବା ପରେ ଖୋଲୁଛି ଏବେ ନୟାଗଡ଼ ଆର୍.ଡି ବିଭାଗର ଦୁର୍ନୀତି ଗୁମର। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ରାଇରଙ୍ଗପୁରରେ ବନଖଣ୍ଡ କର୍ମଚାରୀ ୩ ଦଫା ଦାବି ନେଇ କଲ୍ମ୍ୟାଜ୍ ପିନ୍ଧି ବନ କର୍ମଚାରୀଙ୍କ ପ୍ରତିବାଦ

ରାଇରଙ୍ଗପୁର, (ମହାଭାରତ) : ନିକଟରେ ହିନ୍ଦୋଳ ବନରକ୍ଷୀ ପ୍ରହଲ୍ଲାଦ ପ୍ରଧାନଙ୍କ ବନ ତସ୍କରୀ ଦ୍ୱାରା ହତ୍ୟା ସେମାନଙ୍କ ସୁରକ୍ଷା ଚିନ୍ତା ବଢାଇ ଦେଇଛି ।ତେଣୁ ନିଜର ସୁରକ୍ଷା ନେଇ ସେମାନେ ଏବେ ସରକାରଙ୍କୁ ୩ ଦଫା ଦାବି ନେଇ ଗୁହାରି କରିଛନ୍ତି । ଜୁନ ୧୫ ର ରୁ ଜୁନ ୨୧ ପର୍ଯ୍ୟନ୍ତ ସେମାନେ କଲ୍ମ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି । ସେମାନଙ୍କ ଦାବି ହେଲା ମୃତ ପ୍ରହଲ୍ଲାଦ ପ୍ରଧାନଙ୍କ ପରିବାରକୁ ୧ କୋଟି ଟଙ୍କାର ଅନୁକମ୍ପା ସହାୟତା ଯୋଗାଇଦ୍ୱୋ,ଫରେଷ୍ଟ କମିଶନ ଗଠନ କରିବା,କେବଳ ପରିମାର୍ଜନ,ତାଲିମ ନିଯୁକ୍ତି ପ୍ରକ୍ରୀୟା,କର୍ମଚାରୀ ଦକ୍ଷତା ବୃଦ୍ଧି,ବନ କ୍ଷେତ୍ର ଅଧିକାରୀମାନଙ୍କୁ ପୁଲିସ ବିଭାଗ ଭଳି ସାଲେରୀ ଆକାଉଣ୍ଟ ଇନସୁରାନ୍ସ ପ୍ୟାକେଜ ଯେ କୌଣସି ଜାତୀୟ ବ୍ୟାଙ୍କ ଜରିଆରେ ପ୍ରଦାନ କରିବା ଇତ୍ୟାଦି ।ଏହାକୁ ନେଇ ରାଇରଙ୍ଗପୁର ବନଖଣ୍ଡ କାର୍ଯ୍ୟାଳୟର ସମସ୍ତ ଅଣ - ଗେଜେଟେଡ ବନ କର୍ମଚାରୀ ସଂଘର ବନଖଣ୍ଡ ସଭାନେତ୍ରୀ ଶ୍ରାବନ୍ତୀ ମାର୍ଣ୍ଡୀ ଏବଂ ସଂପାଦକ ବିପିନ ବେହେରାଙ୍କ ନେତୃତ୍ୱରେ ୫୦ ରୁ ଉର୍ଦ୍ଧ କର୍ମଚାରୀ ଜୁନ ୧୫ ର ରୁ ଜୁନ ୨୧ ପର୍ଯ୍ୟନ୍ତ କଲବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି । ସେମାନେ ଚେତାବନୀ ଦେଇଛନ୍ତି ଯେ,ଆଗାମୀ ଦିନରେ ସରକାର ସେମାନଙ୍କ ଦାବି ପ୍ରତି କର୍ଣ୍ଣଗୋଚର ନ କରନ୍ତି ,ତେବେ ଆସନ୍ତା ଜୁନ ୨୨ ତାରିଖରୁ ଦାବି ପୂରଣ ନ ହେବ ପର୍ଯ୍ୟନ୍ତ ସାମୁହିକ ଛୁଟିରେ ରହି ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ।

## ରଏନଗୁଡା ହରିଜନ ପଡ଼ା ରାସ୍ତା ଶୋଚନୀୟ

କୋକସରା, (ମହାଭାରତ) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡପୋଡାଗୁଡା ଗ୍ରାମ ପଞ୍ଚାୟତ ରଏନଗୁଡା ଗ୍ରାମର ହରିଜନ ପଡ଼ା ଯିବା ରାସ୍ତା ସାମାନ୍ୟ ବର୍ଷା ହେଲେ କାଦୁଅ ପଚପଚ ହୋଇପଡୁଛି। ଉକ୍ତ ରାସ୍ତା କିଛି ଦିନ ତଳେ ପାନୀୟ ଜଳ ପ୍ରକଳ୍ପରେ ପାନୀୟ ଜଳ ଯୋଗାଣ ପାଇଁ ରାସ୍ତା ଖୋଲିଦେଇ ସଠିକ ଭାବେ ସମତୁଲ କରି ନ ଥିବାରୁ ବର୍ଷା ହେଲେ ରାସ୍ତାରେ କାଦୁଅ ହେବା ସହ ସମସ୍ୟା ଆହୁରି ଜଟିଳ ହେଉ ପଡୁଛି। ଏହାଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥ ?ିବା ପଡ଼ାବାସୀ ପ୍ରକାଶ କରିଛନ୍ତି। ଏମିତି କି କାଦୁଅ ଯୋଗୁଁ ବୃଦ୍ଧ,ବୃଦ୍ଧା ମାନେ ଗୋଡ଼ ଖସି ଖଣ୍ଡିଆ ଖାବରା ହେବାର ମଧ୍ୟ ଆଶଙ୍କା ଦେଖାଦେଇଛି। ପଞ୍ଚାୟତ ଅନୁଦାନ ରୁ ଏହି ରାସ୍ତା ନିର୍ମାଣ ପାଇଁ ଲକ୍ଷେ ଟଙ୍କା ଆସିଥିଲେ ହେଁ କାମ ନ ହେଉ ଦିନ ପରେ ପରେ ଗଡ଼ି ଚାଲିଥିବା ଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି। ଏନେଇ ବଡପୋଡାଗୁଡା ଗ୍ରାମ ପଞ୍ଚାୟତ ସରପଞ୍ଚ ଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲା ହେଲେ କିଛି ସନ୍ତୋଷ ଜନକ ଉତ୍ତର ମିଳି ପାରିନଥିଲା । ଏଣୁ ପ୍ରସାଶନ ଉକ୍ତ ରାସ୍ତା କୁ ଦୃଷ୍ଟି ଆକର୍ଷଣ କରି ବର୍ଷା ଦିନ କୁ ଆଖି ଆଗରେ ରଖି ଶୀଘ୍ର ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

# ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ସ୍ତରୀୟ ସାମୁହିକ ଅଭ୍ୟାସ



ଆସିକା, (ମହାଭାରତ): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଏବଂ ଆଶ୍ରୟ ସ୍ଥଳୀ ପରିଚାଳନା ଓ ରକ୍ଷଣା ବେକ୍ଷଣ ସମିତି ପକ୍ଷରୁ ଆସିକା ବ୍ଲକର ଗୁଣ୍ଡପଡା ଗ୍ରାମ ପଂଚାୟତର ଜଗଦଳପୁର ଏବଂ ସିଧନଇ ପଂଚାୟତର ମହାରାଜପୁର ଠାରେ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ସ୍ତରୀୟ ସାମୁହିକ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ବିପର୍ଯ୍ୟୟ ପରିଚାଳନା ଅବଜର୍ଭର ତଥା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଡ଼. କନ୍ଧ ଜେନା, ବିଡ଼ିଓ ଲିପିନା ଦାସ, ବ୍ଲକ ଉଦ୍ୟାନ ଅଧିକାରୀ ଗୀତାଞ୍ଜଳି ସାହୁ, ଆଗ୍ନିକ ଅଧିକାରୀ କୈଳାସ ସାହୁ, ସରପଞ୍ଚଙ୍କ ପୁଅ ନିରାକାର ଦଳାଇ, ପରିଚାଳନା କମିଟିର ସମ୍ପାଦକ ରାଧାକୃଷ୍ଣ ପାତ୍ର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅରବିନ୍ଦ ସ୍ୱାଧୀନ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଆଶ୍ରୟ ସ୍ଥଳୀରେ ଉପସ୍ଥିତ ଥିବା ଆଶା, ଅଙ୍ଗନବାଡି, ସ୍ୱୟଂ ସହାୟକ ଦଳର ସଦସ୍ୟ, ସେଲଟର ର ସଦସ୍ୟ ଏବଂ ଗ୍ରାମ ବାସୀ ମାନଙ୍କୁ ଅଗ୍ନିଶମ କର୍ମଚାରୀ ମାନେ ବିଭିନ୍ନ ପ୍ରକାର କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ପାଣିରୁ କିଭଳି ଉଦ୍ଧାର କରିବା, ଛାତ ଘରୁ ତଳକୁ ଓହ୍ଲାଇବା, ନିଆଁରୁ ଉଦ୍ଧାର କାଟିବା ଉପରେ ବିଭିନ୍ନ କୌଶଳ ଗୁଡିକୁ ଡେମୋ ଦେଖାଇଥିଲେ। ଏହି ପ୍ରଶିକ୍ଷଣ ରେ ଅଗ୍ନିଶମ ବିଭାଗର ମୁଖ୍ୟ ଅଗ୍ନିଯୋଦ୍ଧା ପ୍ରଶାନ୍ତ କୁମାର ମହାପାତ୍ର ସନ୍ତୋଷ ନାୟକ, ମାନସ କୁମାର ଦଳେଇ ପ୍ରକାଶ କହଁର, ପଂଚାୟତର ପିଇଓ ପ୍ରଦୀପ ପାତ୍ର,ସଞ୍ଜୀୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସିଧନଇ ପଂଚାୟତର ମହାରାଜ ପୁରରେ ମକ ଡ୍ରିଲ ହୋଇ ପାରିଲା ନାହିଁ । କେବଳ ପଂଚାୟତର ପିଇଓ ଜି. ଅପନ୍ନାଙ୍କ ସଂଯୋଜନାରେ ସମିତି ସଭ୍ୟ ରାଜୀବ ପାତ୍ର, ପରିଚାଳନା କମିଟିର ସମ୍ପାଦକ ହନୁ କୁମାର, ରାଜସ୍ୱ ଅଧିକାରୀ ସୁନୀଲ ଗୌଡ଼ ସମେତ ଆଶା, ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ ।

# ଜିଲ୍ଲା ସ୍ତରୀୟ ଖାଦ୍ୟ ପ୍ରତିଯୋଗିତାରେ ସରସ୍ୱତୀ ସ୍ୱୟ ସହାୟକ ଗୋଷ୍ଠୀ ପ୍ରଥମ



କୁନ୍ଦୁରା, (ମହାଭାରତ) : ଚଳିତ ମାସ ୧୧ ତାରିଖ ବୁଧବାର ଦିନ କୋରାପୁଟ ଜିଲ୍ଲା ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତା ରେ କୋରାପୁଟ ର ୧୪ ଟି ବ୍ଲକ ରୁ ୧୪ ଟି ସ୍ୱ ସହାୟକ ଗୋଷ୍ଠୀ ନିଜ ନିଜ ବ୍ଲକ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିବା ପରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ରେ ଭାଗ ନେବାପାଇଁ ଆସିଥିଲେ । ଚଳିତ ମାସ ୬ ତାରିଖ ଦିନ ବ୍ଲକ ସ୍ତରୀୟ ଏହି ସୁଭଦ୍ରା ଶକ୍ତି ପାର୍ଶମ୍ପରିକ ଖାଦ୍ୟ ପ୍ରତିଯୋଗିତା ରେ ୫୧ ଟି ସ୍ୱ ସହାୟକ ଗୋଷ୍ଠୀ କୁ ପଛରେ ପକାଇ ଦିଗାପୁର ଗ୍ରାମର ସରସ୍ୱତୀ ସ୍ୱ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନରେ ଉତୀର୍ଣ୍ଣ ହୋଇ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ରେ ଭାଗ ନେଇଥିଲା । ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ରେ ବି ସୁନ୍ଦର ସୁନ୍ଦର ପୁଷ୍ଟିକର ସୁସ୍ୱାଦୁ ପାରମ୍ପରିକ ଖାଦ୍ୟ ପରିବେଷଣ କରି ୧୪ ଟି ବ୍ଲକ ର ସ୍ୱ ସହାୟକ ଗୋଷ୍ଠୀ କୁ ପଛରେ ପକାଇ ଦିଗାପୁର ଗ୍ରାମର ସରସ୍ୱତୀ ସ୍ୱ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ ପାଇଥିଲେ । ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରଣୀଧାନ ବିକାଶ ମନ୍ତ୍ରୀ ତଥା ଅଣୁ କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟଗ ମନ୍ତ୍ରୀ - ଗୋକୁଳାନନ୍ଦ ମଲ୍ଲିକ, ଜିଲ୍ଲାପରିଷଦ ସଭାନେତ୍ରୀ ସସ୍ମିତା ମେଲକା, କୋରାପୁଟ ବିଧାୟକ - ରଘୁରାମ ମାଛ, କୋଟପାଡ଼ ବିଧାୟକ -ରୁପୁ ଭତରା, କୋରାପୁଟ ଜିଲ୍ଲାପାଳ - ଭି କୀର୍ତ୍ତି ଭାସନ, ଏସ୍ ପି -ରୋହିତ ବର୍ମା ମଞ୍ଚାସିନ ରହି ସରସ୍ୱତୀ ସ୍ୱ ସହାୟକ ଗୋଷ୍ଠୀ ସଭାପତି- ସୁପ୍ରଭା ପଣ୍ଡା,ସମ୍ପାଦକ -ଅନୁରଧ ପଣ୍ଡା,ସଞ୍ଜୁଲତା ପାଣିଗ୍ରାହୀ,ପୁର୍ଣ୍ଣବାସୀ ପଣ୍ଡା, ଭାଗ୍ୟଲକ୍ଷ୍ମୀ ପଣ୍ଡା,ଯମୁନା ତଲିଆ, ଗୋରୀ କମାର ଓ ଗୋରୀ ଘାଟୁଆଳ ଙ୍କୁ ସଂମ୍ମାନିତ କରିବା ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଏବଂ ଉପସ୍ଥିତ ଅତିଥି ମାନେ ପୁରସ୍କୃତ ହୋଇଥିବା ସ୍ୱ ସହାୟକ ଗୋଷ୍ଠୀ ଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତ ମହିଳା ଶକ୍ତି ଙ୍କୁ ଉତ୍ଛାହିତ କରିବା ପାଇଁ ମହିଳା ସଶକ୍ତିକରଣ ବିଷୟରେ କହିଥିଲେ । ଜିଲ୍ଲା ସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ପାଇ ଫେରିବା ପରେ ସରସ୍ୱତୀ ସ୍ୱ ସହାୟକ ଗୋଷ୍ଠୀ ର ମନବଳ ବହୁତ ବଢିଯାଇଛି, ଆଗକୁ ଆମେ ଜିଲ୍ଲା ନୁହଁ ରାଜ୍ୟ ଓ କେନ୍ଦ୍ର ସ୍ତରରେ ନିଜର ପରିଚୟ ତିଆରି କଲାଭଳି କାର୍ଯ୍ୟ କରି ଦେଖାଇବା ପାଇଁ ଚିନ୍ତା କରିଛୁ, ଆମ କୁ ଦେଖି ଅନ୍ୟ ମା ଭଉଣୀ ଆମ ଭଳି ଆଗେଇ ଆସିବେ ସେଥିପାଇଁ ଆମେ ଉଦାହରଣ ସାଜିବୁ ବୋଲି ସରସ୍ୱତୀ ସ୍ୱ ସହାୟକ ଗୋଷ୍ଠୀର ମହିଳା ମା ମାନେ ନିଜ ମତ ଦେଇଛନ୍ତି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ଟପ ଟେବୁଲ ଏକ୍ସରସାଇଜ ବୈଠକ

ରାଇଘର(ମହାଭାରତ) ଆଜି ନବରଙ୍ଗପୁର ରାଇଘର ବ୍ଲକ ଠାରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠିଙ୍କ ଅଧ୍ୟକ୍ଷତାରେ ଟପ ଟେବୁଲ ଏକ୍ସରସାଇଜ ଏବଂ ମକଡ୍ରିଲ ବୈଠକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆଜି ଅପରାହ୍ନ ୨ଘାଣ୍ଟିକା ସମୟ ରେ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ମାନଙ୍କ ଉପସ୍ଥିତ ରେ ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ ରୁ ଧନ ଜୀବନ କୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟ କୁ ସାକାର କରିବା ପାଇଁ ପ୍ରସ୍ତୁତି କୁ ସଦା ସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା କରାଯାଇଥିଲା । ବିଶେଷତ ବଜ୍ରପାତ ଜନିତ ମୃତ୍ୟୁ, ବନ୍ୟା ବାତ୍ୟା, ମରୁଡି, ରୁ ରକ୍ଷା ପାଇବା ପାଇଁ ବିଭିନ୍ନ ପଦକ୍ଷେପ, ବିଷାକ୍ତ ସାପ କାମୁଡାରେ ତ୍ୱରିତ ପଦକ୍ଷେପ, ବନ୍ୟା ସମୟରେ ପୂର୍ବରୁ ଓ ପରେ ବିଭିନ୍ନ ବିଭାଗୀୟ ପଦକ୍ଷେପ,ଅଗ୍ନିଶମ,ପୋଲିସ,ସ୍ୱାସ୍ଥ୍ୟ,ତହସିଲଦାର, ବି ଡି ଓ, , ଆର୍ ଡି, ଶିକ୍ଷା ବିଭାଗ, ବିଜୁଳି, ଗର୍ଭବତୀ ମହିଳା ଓ ଶିଶୁ, ର କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲାୟ ଅତିରିକ୍ତ ଗୋଷ୍ଠୀ ଉନୟନ ଅଧିକାରୀ ଏବଂ ଅତିରିକ୍ତ ତହସିଲଦାର ସମସ୍ତ ଅଧିକାରୀଙ୍କୁ ଦାୟିତ୍ୱବାନ ହେବା ସହ କିଭଳି ଧନ ଜନ କୁ ରକ୍ଷା କରିବାରେ ଉଚିତ ପରିଚାଳନା କରିବେ ଓ ତତକ୍ଷଣାତ ଜନସାଧାରଣ ଙ୍କ ସମସ୍ୟା କୁ ଦୂର କରି ପାରିବେ ସେ ନେଇ ଆଲୋଚନା କରାଯାଇଥିଲା ।

## ରେଙ୍ଗାଲି ଡ୍ରାଇଭର ମହାସଂଘ ତରଫରୁ ରେଙ୍ଗାଲିର ସରକାରୀ ଓ ବେସରକରି ଅଫିସ ରେ ଦାବିପତ୍ର

ସମ୍ବଲପୁର :-(ମହାଭାରତ): ଓଡିଶା ଡ୍ରାଇଭର ମହାସଂଘ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ପକ୍ଷରୁ ବିଭିନ୍ନ ସରକାରୀ ବେସରକାରୀ ଅଫିସ ଏବଂ କିଛି ସଂଗଠନ ଭାଇ ମାନଙ୍କୁ ଆଗାମୀ ଜୁଲାଇ ୮-୭-୨୫ ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ ପାଇଁ ଦାବି ପତ୍ର ଦିଆଗଲା ଏହି କାର୍ଯ୍ୟକ୍ରମ ରେ ସମ୍ବଲପୁର ଜିଲ୍ଲା ସଭାପତି ଜୟନାରାୟଣ ମାହାଣା, ରେଙ୍ଗାଲି ବ୍ଲକ ସଭାପତି ଅନିରୁଦ୍ଧ ଗର୍ଡିଆ,ସମ୍ପାଦକ ଜୟନ୍ତ ସାଲିମା,ଉପ ସଭାପତି ବେଦବ୍ୟାସ ପଧାନ କୋଷାଧକ୍ଷ ନବୀନ ରଣା ଏବଂ ରେଙ୍ଗାଲି ବ୍ଲକ ୧୬ ଟି ପଞ୍ଚାୟତ ର ଭାଇ ମାନେ ଯୋଗଦାନ କରିଥିଲେ ।

## ପିଆଇସିଟିର ଶତାଧିକ ଶ୍ରମିକ ପାରାଦୀପ ପୋର୍ଟ ମଜଦୁର ସଂଘରେ ସାମିଲ ହେଲେ



ପାରାଦୀପ-(ମହାଭାରତ) ପାରାଦୀପଠାରେ ଥିବା ଜେ.ଏମ୍.ବକ୍ସି ଦ୍ୱାରା ପରିଚାଳିତ ପାରାଦୀପ ଇଣ୍ଟରନ୍ୟାସନାଲ୍ କାର୍ଗୋ ଲିମିଟେଡ୍ (ପିଆଇସିଟି)ରେ କାର୍ଯ୍ୟରତ ଶତାଧିକ ଶ୍ରମିକ ବାପି ସାର୍ଖେଲଙ୍କ ନେତୃତ୍ୱାଧିନ ଶ୍ରମିକ ସଙ୍ଗଠନକୁ ଛାଡି ଗୁରୁବାର ଦିନ ବିଧିବଦ୍ଧ ଭାବେ ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ପାରାଦୀପ ପୋର୍ଟ ମଜଦୁର ସଂଘରେ ସାମିଲ ହୋଇଛନ୍ତି । ପିଆଇସିଟିରେ ଷ୍ଟିଚର,ଫିଲର ଅପରେଟର ଓ ହପର ଭାବେ କାର୍ଯ୍ୟ କରୁଥିବା ଦେଢ ଶହରୁ ଉର୍ଦ୍ଧ ଶ୍ରମିକମାନଙ୍କ ଦୀର୍ଘ ଦିନର ସମସ୍ୟା, ଦାବୀ ପୂରଣ କରିବାରେ ବାପି ସାର୍ଖେଲ ବିଫଳ ହୋଇଥିବା ଏହି ଶ୍ରମିକମାନେ କହିଛନ୍ତି । ଏହି ଶ୍ରମିକମାନେ ଦୀର୍ଘ ପାଂଚ ବର୍ଷ ହେବ ସେମାନଙ୍କ ନାଯ୍ୟ ଦାବୀ ପାଇବା ପାଇଁ ବାପି ସାର୍ଖେଲଙ୍କ ଉପରେ ଭରସା ଓ ବିଶ୍ୱାସ ରଖିଥିଲେ ହେଲେ ଶ୍ରୀ ସାର୍ଖେଲ କମ୍ପାନୀ ସହିତ ଭିତିରି ସଲାସୁତୁରା ହୋଇ ଦାବୀ ସମ୍ପର୍କରେ ଦିନ ପରେ ଦିନ ଗଡାଇ ଚାଲିଥିଲେ ଯେତେବେଳେ ସେମାନଙ୍କ ଭରସା ତୁଟିଗଲା ବାଧ୍ୟ ହୋଇ ବାପି ସାର୍ଖେଲଙ୍କ ଶ୍ରମିକ ସଙ୍ଗଠନରୁ ଇସ୍ତଫା ଦେଇ ପ୍ରକାଶ ତ୍ରିପାଠୀଙ୍କ ଉପରେ ଆସ୍ଥା ପ୍ରକଟ କଲେ ବୋଲି ପାରାଦୀପ ପୋର୍ଟ ମଜଦୁର ସଂଘରେ ସାମିଲ ହୋଇଥିବା ଶ୍ରମିକମାନେ କହିଛନ୍ତି । ପ୍ରକାଶ ତ୍ରିପାଠୀଙ୍କ ମାର୍ଗଦର୍ଶନରେ ସେମାନେ ଏକଜୁଟ୍ କାମ କରିବା ସହିତ ଶ୍ରି ତ୍ରିପାଠୀ ସେମାନଙ୍କ ହକ୍ ପାଇଁ ଲଢେଇର ନେତୃତ୍ୱ ନେବେ ବୋଲି ଏହି ଶ୍ରମିକମାନେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ପାରାଦୀପ ପୋର୍ଟ ମଜଦୁର ସଂଘର କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ସାଧାରଣ ସମ୍ପାଦକ ପରେଶ ମୁର୍ମୁ, ଉପସଭାପତି ସୁବ୍ରତ ପ୍ରଧାନ, ଉପଦେଷ୍ଟା ସର୍ବେଶ୍ୱର ବଳିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ

ସମ୍ବଲପୁର; (ମହାଭାରତ):ସମ୍ବଲପୁର ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଜୁନ ମାସ ୨୧ ତାରିଖରେ ଆନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହେବ । ଏହି ଅବସରରେ ସକାଳ ୫ଟାରୁ ମା' ସମଲେଶ୍ୱରୀ ମନ୍ଦିର ପରିସର ଓ ରିଭର ଫ୍ରନ୍ଟ ଠାରେ ବିଶାଳ ଯୋଗ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଆଜି ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ( ଭା . ପ୍ର.ସେ), ଆରକ୍ଷୀ ଅଧିକ୍ଷକ ଶ୍ରୀ ମୁକେଶ ଭାମୁ ( ଭା .ପୋ.ସେ) , ସମ୍ବଲପୁର ମହାନଗର ନିଗମ ର ଆୟୁକ୍ତ ଶ୍ରୀ ଭେଦ ଭୂଷଣ ( ଭା. ପ୍ର.ସେ) ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ । ଏହି ବୃହତ୍ କାର୍ଯ୍ୟକ୍ରମରେ ସମସ୍ତ ସମ୍ବଲପୁର ବାସୀ ଙ୍କୁ ଅଂଶଗ୍ରହଣ କରି ଏହି ଅଭିଯାନକୁ ସଫଳ କରିବାକୁ ଅନୁରୋଧ ।

## ବ୍ଲକ ଅଧ୍ୟକ୍ଷ ଉପନିର୍ବାଚନ ରେ ନିର୍ବାଚିତ ହେଲେ ବୀଣାପାଣି ନାୟକ



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଧ୍ୟକ୍ଷ ସୁକାନ୍ତି ନାଏକ ଙ୍କ ନାଁ ରେ ଅନସ୍ଥା ପ୍ରସ୍ତାବ ଅଣାଯାଇ ଥିବା ବେଳେ ବ୍ଲକ ଅଧ୍ୟକ୍ଷ ପଦ ଟି ଖାଲି ପଡିଥିଲାୟ ଏହି ପେରିପକ୍ଷୀ ରେ ଉପନିର୍ବାଚନ ହୋଇଛି ।ଏହି ଉପନିର୍ବାଚନ କୁ ନିର୍ବାଚନ ଅଧିକାରୀ ଭାବେ ସହାରପଡା ବିଡିଓ ରତ୍ନ କୁମାର ମହାନ୍ତ,ପାଟଣା ବ୍ଲକ ଜିପିଓ ରଶ୍ମି ରେଖା ମହାନ୍ତି ଉପସ୍ଥିତି ରେ ନିର୍ବାଚନ ହୋଇଛି । ଉପନିର୍ବାଚନ ବ୍ଲକ ଅଧ୍ୟକ୍ଷ ପ୍ରାର୍ଥୀ ଭାବେ ବୀଣାପାଣି ନାୟକ ପ୍ରତିନିଧି କରୁଥିବା ବେଳେ ତାଙ୍କର କୌଣସି ପ୍ରତିନ୍ଦି୍ ନ ଥିବା ରୁ ବୀଣାପାଣି ନିର୍ଦଦି୍ ରେ ନିର୍ବାଚିତ ହୋଇଛନ୍ତି । ଏହି ଅବସରରେ ଉପନିର୍ବାଚନ କୁ ଶୃଙ୍ଖଳା କୁ ଆଖି ଆଗରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ ପାଟଣା ଥାନା ଅଧିକାରୀ ମାନସ ମହାକୁଲ ଙ୍କ ନେତୃତ୍ୱ ରେ ୪ଜଣ ଅତିରିକ୍ତ ଥାନା ଅଧିକାରୀ ଓ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ଥିଲା । ଏହି ଉପନିର୍ବାଚନରେ ନୂତନ ଭାବେ ନିର୍ବାଚିତ ହୋଇଥିବା ବ୍ଲକ ଅଧ୍ୟକ୍ଷ ଙ୍କୁ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରି ନୂତନ ବ୍ ପୁଷ୍ପ ପୁଷ୍ପଗୋଛ ଉପଢ଼ଙ୍କ ସହ ଶୁଭେଛା ଜଣାଇ ଛନ୍ତି । ଏହି ଅବସରରେ ୧୪ଜଣ ସମିତି ସଭ୍ୟ/ସଭ୍ୟା ଉପନିର୍ବାଚନ ରେ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ୟାପିବାରେ ଲାଗିଛି ଜ୍ୱର, କାଶ, ଥଣ୍ଡା ସହ ଡାଇରିଆ ଭଳି ସଂକ୍ରମଣ ରୋଗ



ନୟାଗଡ଼, ( ମହାଭାରତ ) : ପାଣିପାଗରେ ପରିବର୍ତ୍ତନ ପରେ ନୟାଗଡ଼ ଜିଲ୍ଲାରେ ବ୍ୟାପିବାରେ ଲାଗିଛି ଜ୍ୱର, କାଶ, ଥଣ୍ଡା ସହ ମ୍ୟାଲେରିଆ ଏବଂ ଡାଇରିଆ ଭଳି ଭୁତାଣୁ ସଂକ୍ରମଣ ଜନିତ ରୋଗ । ସଚେତନ ଅଭାବ ଏବଂ ସ୍ୱାସ୍ଥ୍ୟ ବିଭାଗର ଅବହେଳା ପାଇଁ ଗାଁ ଗାଁ ରେ ଘରେ ଘରେ ଥଣ୍ଡା କାଶ ରୋଗୀ ଙ୍କ ସଂଖ୍ୟା ବ୍ୟାପିବାରେ ଲାଗିଛି । ଆଉ ଏହାର ଫାଇଦା ଉଠାଉଛନ୍ତି କ୍ୱାକ୍ ଏବଂ ଅନଭିଜ୍ଞ ଔଷଧ ବ୍ୟବସାୟୀ । ଗାଁ ଗହଳିରେ ରୋଗୀ ମାନେ ରକ୍ତ କଫ ପରୀକ୍ଷା ନ କରି କ୍ୱାକ୍ ମାନଙ୍କ ଠାରୁ ମନ ଇଚ୍ଛା ଔଷଧ ସେବନ କରୁଥିବାରୁ ଥଣ୍ଡା କାଶ, ଜ୍ୱର ରୋଗ କମିବା ପରିବର୍ତ୍ତେ ବଢିବାରେ ଲାଗିଛି । ସ୍ୱାସ୍ଥ୍ୟ ବିଭାଗର ନିଷ୍କ୍ରିୟତାର ଉଠାଉଛନ୍ତି ଅନଭିଜ୍ଞ ଔଷଧ ବ୍ୟବସାୟୀ । ଲାଇସେନ୍ସ ନଥାଇ ମଧ୍ୟ ଡାକ୍ତରଙ୍କ ଭଳି ରୋଗୀ ଚିକିତ୍ସା କରୁଛନ୍ତି । ରୋଗ ଚିହ୍ନଟ ନ କରିପାରି ମଧ୍ୟ ରୋଗୀଙ୍କୁ ଫୋଡୁଛନ୍ତି ଇଞ୍ଜେକ୍ସନ ଓ ଦେଉଛନ୍ତି ଔଷଧ । ଏବେ ବର୍ଷାଋତୁକୁ ନେଇ ଗାଁ ଗାଁ ରେ ଜ୍ୱର, କାଶ, ଥାଣ୍ଡା ସହ ମ୍ୟାଲେରିଆ ଏବଂ ଡାଇରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ରୋଗୀଙ୍କୁ ଶୋଷଣ କରିବାରେ ଲାଗି ପଡ଼ିଛନ୍ତି କ୍ୱାକ୍ ମାନେ । ସେପଟେ କିନ୍ତୁ କାଶ, ଥଣ୍ଡା, ଜ୍ୱର ଭଳି ରୋଗରେ ଆକ୍ରାନ୍ତ ହୋଇ ଘରେ ପାଞ୍ଚ ରୁ ସାତ ଦିନ ଧରି ଚିକିତ୍ସା ପରେ ଭଲ ନହେବାରୁ ମେଡ଼ିକାଲ କୁ ବିଳମ୍ବରେ ଆସୁଥିବାରୁ ଜିଲ୍ଲାରେ ଥଣ୍ଡା, ଜ୍ୱର ବ୍ୟାପିବାରେ ଲାଗିଛି । ଏଭଳି ସ୍ଥିତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ପଦକ୍ଷେପ ନେବା ସହ ଲୋକଙ୍କୁ ସଚେତନ କରାଇବା ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତ । ଦିନ କୁ ଦିନ ଥଣ୍ଡା, କାଶ, ଜ୍ୱର ଏବଂ ଝାଡା ବାନ୍ତି ରୋଗ ସଂଖ୍ୟା ଗାଁ ଗହଳିରେ ବ୍ୟାପିବା ପଛରେ ସଚେତନତା ଅଭାବ ରହିଛି । ଏହାସହ ବିଭିନ୍ନ ଔଷଧ ଦୋକାନୀ ଏବଂ ଗ୍ରାମାଞ୍ଚଳରେ ଅନଭିଜ୍ଞ ବ୍ୟକ୍ତି ଓ କ୍ୱାକ୍ ବ୍ୟବସାୟୀ ମାନେ ରୋଗୀଙ୍କୁ ଶୋଷଣ ପାଇଁ ମନ ଇଚ୍ଛା ଇଞ୍ଜେକ୍ସନ ଏବଂ ଔଷଧ ଦେବା ଏଭଳି ଘଟଣାଙ୍କୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି । ଡାକ୍ତରଙ୍କ ବିନା ପ୍ରେସ୍କ୍ରିପସନରେ ଆଣ୍ଟିବାୟୋଟିକ୍ ଭଳି ଔଷଧ ଦେଉଛନ୍ତି କ୍ୱାକ୍ ମାନେୟ ଫଳରେ ଅନେକ ସମୟରେ କିଛି ରୋଗୀ ଓ ଶିଶୁଙ୍କ ମୃତ୍ୟୁ ପୂର୍ବରୁ ଗୁରୁତର ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛନ୍ତି । ସେହିଭଳି ଆଦିବାସୀ ବହୁଳ ଗ୍ରାମ ଗୁଡ଼ିକରେ ଏବେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି । ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀଙ୍କ ଅଭାବର ଫାଇଦା ଉଠାଉଛନ୍ତି କ୍ୱାକ୍ ବ୍ୟବସାୟୀ ମାନେ । ଦଶପଲ୍ଲା ବ୍ଲକ୍ର ଚଡ଼େୟାପଲ୍ଲୀ, କଳସାଖମଣ, ଦୁଡ଼ା, ପୋଖରୀଗୋଛା, ନୂଆଗାଁ, କୁଜାମେଣ୍ଡି, କୁଲୁରୁକୁମ୍ପା, ଘୁଗୁଡ଼ିପଡ଼ା, ଘୋଳାହାଣ୍ଡି ଓ ନଛିପୁର ଆଦି ପଞ୍ଚାୟତରେ ମ୍ୟାଲେରିଆ ଏବଂ ଥଣ୍ଡା, କାଶ, ଜ୍ୱର ରୋଗୀଙ୍କ ସଂଖ୍ୟା ବ୍ୟାପିବାରେ ଲାଗିଛି । ସେପଟେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ଦାସ କହିଛନ୍ତି ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏବେ ମ୍ୟାଲେରିଆ ଏବଂ ଥଣ୍ଡା, କାଶ, ଜ୍ୱର ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି । ଆଗକୁ କୋଭିଡ୍ ଟେଷ୍ଟ କରାଯିବ । ଋତୁ ପରିବର୍ତ୍ତନ ପାଇଁ ଥଣ୍ଡା, କାଶ, ଜ୍ୱର ନୟାଗଡ଼ ଜିଲ୍ଲାରେ ଏବେ ଘରେ ଘରେ ବ୍ୟାପିଥିବା ବେଳେ ମ୍ୟାଲେରିଆ ଏବଂ ଡାଇରିଆ ଭୁତାଣୁ ଜନିତ ରୋଗ ହୋଇଥିବାରୁ ଏହା ଆଗକୁ ଅଧିକ ସଂକ୍ରମଣ ହେବା ଆଶଙ୍କା ପ୍ରକାଶ ପାଇଛି । ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଅଧିକ ଦୃଷ୍ଟି ଦେବା ଆବଶ୍ୟକ ରହିଛି ।

## ସମସ୍ୟା ଓ ସଂକଟରେ ଗଣିଆ ଆଦର୍ଶ ବିଦ୍ୟାଳୟ



ଗଣିଆ,(ମହାଭାରତ): ଗଣିଆ ବ୍ଲକ ଅନ୍ତର୍ଗତ ଆଡକଟା ନିକଟସ୍ଥ କାକୁଡିଖୋଲ ଗ୍ରାମରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟଟି ବର୍ତ୍ତମାନ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛି । ବିଦ୍ୟାଳୟ ପ୍ରବେଶଦ୍ୱାର (ମୁଖ୍ୟ ଫାଟକ) ନଥିବା ଯୋଗେ ସୁରକ୍ଷା ଓ ପରିଚାଳନାରେ ଅସୁବିଧା ଦେଖାଦେଉଛି । ସ୍ଥାନୀୟ ବାସିନ୍ଦା ଓ ବିଦ୍ୟାଳୟ ପକ୍ଷରୁ ଜଣାପଡ଼ିଛି ଯେ, ହଷ୍ଟେଲର ଘର କାମ ନିମନ୍ତେ ବଡ ଗାଡି ଯାଇ ପାରୁନଥିବାରୁ ସେହି ଠିକାଦାର ମୁଖ୍ୟ ଫାଟକକୁ ଭାଙ୍ଗି ଦେଇଥିଲେ । କିନ୍ତୁ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଆଜିବି ମୁକୁଳା ପଡ଼ିଛି । ମୁଖ୍ୟ ଫାଟକ ର ଅଭାବରୁ ବିଦ୍ୟାଳୟ ପରିସରକୁ ଅନାଧିକୃତ ଭାବେ ଅନେକ ଅସାମାଜିକ ତ□ ପ୍ରବେଶ କରୁଛନ୍ତି, ଯାହା ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଏକ ବଡ଼ ସଂକଟ ସୃଷ୍ଟି କରିଛି । ଏହା ସହିତ ଗୋରୁ ଗାଈ ଓ ଅନ୍ୟାନ୍ୟ ପଶୁମାନେ ବି ବିଦ୍ୟାଳୟ ପରିସରକୁ ଅବାଧ ପ୍ରବେଶ କରି, ଘାସ ଓ ଫୁଲ ଗଛମାନଙ୍କୁ କ୍ଷତି କରୁଛନ୍ତି । ଏହି ଗଛମାନେ ବିଦ୍ୟାଳୟର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ରୋପଣ କରାଯାଇଥିଲା କିନ୍ତୁ ବର୍ତ୍ତମାନ ଏହା ଧ୍ୱଂସ ହେବାକୁ ବସିଛି । ବିଦ୍ୟାଳୟର ଗ୍ରୀଷ୍ମ ଛୁଟି ଖୋଲିବାକୁ ଯାଉଛି, ଏହି ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ । ସ୍ଥାନୀୟ ଜନସାଧାରଣ ଓ ଅଭିଭାବକମାନେ ରାଜ୍ୟ ସରକାର ଓ ଓଡିଶା ଗଣଶିକ୍ଷା ବିଭାଗକୁ ଅନୁରୋଧ କରିଛନ୍ତି ଯେ, ଛାତ୍ରଛାତ୍ରୀଙ୍କୁ ସୁରକ୍ଷା ଦେବା ନିମନ୍ତେ ଯଥା ଶୀଘ୍ର ମୁଖ୍ୟ ଫାଟକ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ଆବଶ୍ୟକ । ଏଥିପାଇଁ ସ୍ଥାନୀୟ ପ୍ରଶାସନ, ଶିକ୍ଷା ବିଭାଗ ଓ ନିମ୍ନିଯୁକ୍ତ ଠିକାଦାରଙ୍କୁ ଦିଗ୍ଦର୍ଶନ ଦେଇ ମୁଖ୍ୟ ଗେଟ୍ର ନିର୍ମାଣ ଅତି ଶୀଘ୍ର ସମ୍ପୂର୍ଣ୍ଣ କରାଯିବା ଆବଶ୍ୟକ ବୋଲି ସାଧାରଣରେ ଦାବି କରାଯାଇଛି ।

## ବାଲିଗୁଡ଼ା କଂସା ବାସନ ଦୋକାନରୁ ଲକ୍ଷାଧିକ ଟଙ୍କା ଚୋରି, ପୋଲିସର ତଦନ୍ତ ଆରମ୍ଭ

ବାଲିଗୁଡା(ମହାଭାରତ): ବିଳମ୍ବିତ ରାତ୍ରରେ ବାଲିଗୁଡ଼ା ହାଟପଦା ମାର୍କେଟରୁ ଚୋରି ହୋଇଥିବା ଜଣାପଡ଼ିଛି । ହାଟପଦା ମାର୍କେଟ କମ୍ପ୍ଲେକ୍ସରେ ଥିବା ନିତ୍ୟାନନ୍ଦ ନାୟକଙ୍କ କଂସା ବାସନ ଦୋକାନର ଆଜବେଷ୍ଟସ ଭାଙ୍ଗି କିଛି ଦୁର୍ବୃତ୍ତ ଦୋକାନ ଭିତରେ ପଶି ଡ୍ର ରେ ଥିବା ପ୍ରାୟ ୪୦ ହଜାର ରୁ ଉର୍ଦ୍ଧ୍ୱ ଟଙ୍କା କିଛି କଂସା ବାସନ ସାମଗ୍ରୀ ମଧ୍ୟ ଦୁର୍ବୃତ୍ତ ଲୁଟି ନେଇଥିବା ଅଭିଯୋଗ କରିଛନ୍ତି ଦୋକାନ ମାଲିକ । ସୂଚନା ପ୍ରକାରେ ଆଜି ସକାଳେ ଦୋକାନ ମାଲିକ ଦୋକାନ ଖୋଲିବାକୁ ଆସିବା ବେଳେ ଦୋକାନ ବାହାରେ ଥିବା ଗୋଟିଏ ସିସି କ୍ୟାମେରା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ ପରେ ଦୋକାନ ଖୋଲି ଦେଖିବା ବେଳେ ଦୋକାନ ଭିତରେ ଥିବା ଆଉ ଏକ ସିସି କ୍ୟାମେରା ଭାଙ୍ଗିବା ସହ ଟଙ୍କା ଡ୍ର ମଧ୍ୟ ଭାଙ୍ଗି ଥିବା ଦେଖିବାକୁ ପାଇଥିଲେ ।ଏଥିସହିତ ଦୋକାନ ଭିତରେ ଥିବା ସାମଗ୍ରୀ ଏଣେତେଣେ ପଡ଼ିବା ସହ ଦୋକାନ ଆଜବେଷ୍ଟସ ଭାଙ୍ଗିଥିବା ଦେଖି ବାଲିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଦୋକାନର ସିସି କ୍ୟାମେରାରେ କଏଦ ହୋଇଛି ଚୋରି କରିଥିବା ଦୁର୍ବୃତ୍ତର ଛବି । ଚୋରି ବେଳର ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୋଗ ପ୍ରକାରେ ପୋଲିସ୍ ତଦନ୍ତ ଆରମ୍ଭ କରିଛି ।ଖୁବ୍ ଶୀଘ୍ର ଦୁର୍ବୃ□ ମାନେ ଧରାପଡିବେ ବୋଲି ପୋଲିସ ସୂଚନା ଦେଇଛି ।ଏଭଳି ଘଟଣା ବାଲିଗୁଡ଼ା ଅଂଚଳରେ ବାରମ୍ବାର ଘଟୁଥିବାରୁ ପୋଲିସ ପେଟ୍ରୋଲିଂ କଡାକଡି କରାଯିବାକୁ ବ୍ୟବସାୟୀ ମାନେ ଦାବୀ କରିଛନ୍ତି ।

## ପାନ୍ କାର୍ଡ ମାଧ୍ୟମରେ ଟଙ୍କା ହେଫେର୍ ମାମଲା
## ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ପଶିଲା ଇଓଡବ୍ଲ୍ୟୁ




ନୟାଗଡ଼, ( ମହାଭାରତ ) : ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ପଶିଛି କ୍ରାଇମବ୍ରା□ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) । ଇଓଡବ୍ଲ୍ୟୁର ବରିଷ୍ଠ ଅଧିକାରୀ ମାନେ ନୟାଗଡ଼ ସମବାୟ ବ୍ୟାଙ୍କରେ ପହଞ୍ଚି ଦିନ ତମାମ ଛାନଭିନ କରିଛନ୍ତି । ବିଶେଷ କରି ତିନିଟି ପାନକାର୍ଡ କରାଯାଇ ବ୍ୟାପକ ଟଙ୍କା ହେଫେର୍ ହୋଇଥିବା ଅଭିଯୋଗ ହେବା ପରେ ଇଓଡବ୍ଲ୍ୟୁ ଏହାର ତଦନ୍ତ କରୁଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ବ୍ୟାପକ ପରିମାଣର ଅର୍ଥ ହେଫେର୍ ହୋଇଥିବା ଅଭିଯୋଗ ହୋଇଛି । ଏପରିକି ଆୟକର ଫାଙ୍କିବା ପାଇଁ ଏକାଧିକ ପାନକାର୍ଡ ବ୍ୟବହାର କରାଯାଇଛି । ଏହା ଧରାପଡ଼ିବା ପରେ ଆୟକର ବିଭାଗ ୩୬୨ କୋଟିରୁ ଉର୍ଦ୍ଧ ଟଙ୍କା ଜରିମାନା କରିଥିଲେ । ଏହାସହ ବ୍ୟାଙ୍କର ୧୩ଟି ଆକାଉ□ କୁ ଅଚଳ କରି ଦିଆଯାଇଥିଲା । ଏହି ଜରିମାନା ଏବଂ ବ୍ୟାଙ୍କ ଆକାଉଣ୍ଟକୁ ସଚଳ କରିବା ପାଇଁ ପରିଚାଳନା ପରିଷଦ ଏକ ଏଜେନ୍ସିକୁ ଦାୟିତ୍ୱ ଦେଇଥିଲା । ଏହି ଏଜେନ୍ସି ପାରିଶ୍ରମିକ ବାବଦକୁ ୨ କୋଟି ୧୦ ଲକ୍ଷ ଟଙ୍କା ଦାବି କରିଥିଲା । ଯାହା ସମ୍ପୂର୍ଣ୍ଣ ବେଆଇନ ବୋଲି ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ଅଭିଯୋଗ କରିଥିଲେ । ଏହି ୨ କୋଟି ୧୦ ଲକ୍ଷ ଟଙ୍କା ଦେଣନେଣକୁ ନେଇ ଇଓଡବ୍ଲ୍ୟୁ ବ୍ୟାଙ୍କରେ ଯାଞ୍ଚ କରୁଥିବା ଜଣାପଡ଼ିଛି । ବ୍ୟାଙ୍କର ବିଭିନନ କାଗଜପତ୍ରକୁ ଯାଞ୍ଚ କରାଯିବା ସହ କର୍ମଚାରୀଙ୍କୁ ଏନେଇ ପଚରାଉଚରା କରାଯାଇଛି । ଇଓଡବ୍ଲ୍ୟୁ ପକ୍ଷରୁ ହୋଇଥିବା ତଦନ୍ତକୁ ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ସ୍ୱୀକାର କରିଛନ୍ତି । ଓସିଏ ଆକ୍ଟ-୬୫ ଅନୁଯାୟୀ ତଦନ୍ତ ପରେ ରାଜ୍ୟ ସରକାର ଏହି ମାମଲାକୁ ଇଓଡବ୍ଲ୍ୟୁକୁ ହସ୍ତାନ୍ତର କରିଥିଲେ । ତଦନ୍ତ ସମୟରେ ଇଓଡବ୍ଲ୍ୟୁ ଅଧିକାରୀଙ୍କୁ ସଂପୂର୍ଣ୍ଣ ସହଯୋଗ କରାଯାଇଥିବା ଶ୍ରୀ ପଟ୍ଟନାୟକ କହିଛନ୍ତି ।

## ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଅନନ୍ୟ ପଦକ୍ଷେପ
## ତଟରକ୍ଷୀ ବାହିନୀ ଜାହାଜ ଉପରେ ସ୍ୱତନ୍ତ୍ର ଯୋଗ ଅଧିବେଶନ

ପାରାଦୀପ(ମହାଭାରତ): ଆର୍ନ୍ତଜାତୀୟ ଯୋଗ ଦିବସ ପାଳନର ଅବ୍ୟବାହିତ ପୂର୍ବରୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ତଟରକ୍ଷୀ ବାହିନୀ ଜାହାଜ ଉପରେ ସ୍ୱତନ୍ତ୍ର ଯୋଗ ଅଧିବେଶନର ଆୟୋଜନ କରିଥିଲେ । ପାରାଦୀପଠାରେ ପୂର୍ବ ଭାରତର ତଟ ସୁରକ୍ଷା ନିମନ୍ତେ ମୁତୟନ ହୋଇଛି ଭାରତୀୟ ତଟରକ୍ଷୀ ବାହିନୀ । ତଟରକ୍ଷୀ ବାହିନୀର ଜାହାଜ ବିଜୟ ଉପରେ ଏହି ସ୍ୱତନ୍ତ୍ର ଯୋଗ ଅଧିବେଶନର ଆୟୋଜନ କରାଯାଇଥିଲା । ଏକ ଶାନ୍ତ ପରିବେଶ ମଧ୍ୟରେ ସମୁଦ୍ର ତରଙ୍ଗ ଉପରେ ଏହି ଯୋଗ ଅଧିବେଶନରେ ସହଯୋଗ କରିଥିଲେ ଭାରତୀୟ ତଟରକ୍ଷୀ ବାହିନୀ ଓ ଆର୍ଟ ଅଫ ଲିଭିଙ୍ଗର ପାରାଦୀପ ଶାଖା । ଏକ ସୁସ୍ଥ ଏବଂ ଉତ୍ପାଦନକ୍ଷମ ସାମୁଦ୍ରିକ କର୍ମଶକ୍ତି ଗଠନରେ ସୁସ୍ଥତା ଏବଂ ଆନ୍ତଃ-ଏଜେନ୍ସି ଏକତାର ଗୁରୁତ୍ୱାରୋପ କରିଥିଲେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ । ଜାହାଜ ଉପରେ ଏହି ସ୍ୱତନ୍ତ୍ର ଯୋଗ ଅଧିବେଶନ ବେଶ ଉତ୍ସାହ ପ୍ରଦାନ କରିଥିବା ଶ୍ରୀ ହରନାଦ କହିଥିଲେ । ଏହି ଯୋଗ ଅଧିବେଶନରେ ଯୋଗାସନ, ଶ୍ୱାସକ୍ରିୟା ପରିଚାଳନା କରାଇଥିଲେ ଅଭିଜ୍ଞ ଯୋଗ ପ୍ରଶିକ୍ଷକ । ଆସନ୍ତା ଶନିବାର ଦିନ ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମ ପରିସରରେ ଆର୍ନ୍ତଜାତୀୟ ଯୋଗ ଦିବସ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ପାଳିତ ହେବ ।

## ଖୋଲିଲା ବାଣପୁର ମା' ଭଗବତୀଙ୍କ ମନ୍ଦିର ଭିତର ହୁଣ୍ଡି

ବାଣପୁର (ମହାଭାରତ ) ଖୋର୍ଦ୍ଧା ଜିଲ୍ଲା ବାଣପୁର ସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା'ଭଗବତୀଙ୍କ ଭିତର ହୁଣ୍ଡି ଖୋଲାଯାଇଛି ହୁଣ୍ଡିରୁ ଆଦାୟ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ମନ୍ଦିର ଟ୍ରଷ୍ଟ ବୋର୍ଡ ର ସଭାପତି ସ୍ଥାନୀୟ ତହସିଲଦାର୍ ଟି. ପଦ୍ମନାଭ ଦୋରା ,ବାଣପୁର ବ୍ଲକ ବିଡ଼ିଓ ଶୀତଲ ଅଗ୍ରୱାଲ,ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯକ୍ତ ବାଳମୁକୁନ୍ଦ ଦାସ, ଏବଂ ସ୍ଥାନୀୟ ଆରକ୍ଷୀଙ୍କ ଉପସ୍ଥିତିରେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା ପରେ ହୁଣ୍ଡିକୁ ଖୋଲା ଯାଇ ଶ୍ରଦ୍ଧାଳୁଙ୍କ ଦ୍ୱାରା ପ୍ରଦତ୍ତ ଟଙ୍କା, ବାହାର କରାଯାଇ ମନ୍ଦିର କାର୍ଯ୍ୟାଳୟ କର୍ମଚାରୀ, ସେବାୟତ ଓ ସ୍ୱେଚ୍ଛା ସେବୀଙ୍କ ଦ୍ୱାରା ଗଣତି କରାଯାଇଥିଲା । ହୁଣ୍ଡିରୁ ସର୍ବମୋଟ ଟ୧,୩୭,୪୨୮ ଟଙ୍କା , (ଏକଲକ୍ଷ ସତତିରିଶି ହଜାର ଚାରିଶହ ଅଠେଇଶି ଟଙ୍କା ମାତ୍ର)ଓ ରୁପା ଆଖି ୨ଟି ଏବଂ ରୁପା ମୁଦ୍ରା ୧ଟି ସଂଗ୍ରହ କରାଯାଇ ସ୍ଥାନୀୟ ୟୁକୋ ବ୍ୟାଙ୍କରେ ମନ୍ଦିର ଜମା ଖାତରେ ଜମା କରାଯାଇଥିବା କଥା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଦାସ ପ୍ରକାଶ କରିବା ସହିତ ସମସ୍ତ ଶ୍ରଦ୍ଧାଳୁଙ୍କ ମଙ୍ଗଳ କାମନା କରିଛନ୍ତି ।

## ଆସିକାରେ ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ଖାଦ୍ୟର ମାନ ଯାଞ୍ଚ ପାଇଁ ଦାବୀ



ଆସିକା (ମହାଭାରତ): ରାଜ୍ୟରେ ବର୍ତ୍ତମାନ ହଇଜା ଜିଲ୍ଲା ପରେ ଜିଲ୍ଲା କୁ ବ୍ୟାପିବାକୁ ଲାଗିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ହୋଟେଲ, ରେଷ୍ଟୋରେଣ୍ଟ, ଖାଦ୍ୟ ନିର୍ମାଣ କମ୍ପାନୀ ଆଦିରେ ଘନ ଘନ ଚଢ଼ାଉ ଚାଲିଥିଲା ବେଳେ ଆସିକାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଯାହାଦ୍ୱାରା ଅଞ୍ଚଳ ବାସୀ ବୁଦ୍ଧିଜୀବୀ ମହଲରେ ବାରମ୍ବାର ଦାବୀ ହୋଇଆସୁଛି । ପ୍ରକାଶ ଥାଉକି ଆସିକାତଥା ଆଖପାଖ ଅ□ଳରେ ଦିନକୁ ଦିନ ଛତୁ ଫୁଟିଲା ଭଳି ହୋଟେଲ ଓ ରେଷ୍ଟୋରେଣ୍ଟ ଖୋଲି ଚାଲିଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟବସାୟୀ ଙ୍କ ନିକଟରେ ଫୁଡ ଲାଇସେନ୍ସ ମଧ୍ୟ ନଥିବାର ଅଭିଯୋଗ ହେଉଛି ।ଏହି ହୋଟେଲ ଗୁଡିକରେ ବାସି ଖାଦ୍ୟ ସହ ପଚା ଶଢା ପନିପରିବା ସହିତ ନିମ୍ନମାନର ମସଲା, ଖାଦ୍ୟ କଲର, ଚାଇନା ସ୍ଲଟ ସହିତ ନିମ୍ନ ମାନର ତେଲ ଯାହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ତାହା ଅତି କଦର୍ଯ୍ୟ ଅବସ୍ଥାରେ ବ୍ୟବହୃତ ହେଉଛି । ହୋଟେଲ ଓ ରେଷ୍ଟୋରେ□ ଗୁଡିକରେ ସ୍ୱଛତା ମଧ୍ୟ ଅତି ନିମ୍ନ ମାନର ଅଭିଯୋଗ ହେଉଛ । ଆସିକା ଓ ଏହାର ଆଖପାଖ ଅଞ୍ଚଳ ରେ ସୋଡ଼ା,ମୃଦୁ ପାନୀୟ ଠାରୁ ଆରମ୍ଭ କରି, ମିଠା ସାମଗ୍ରୀ, ପାଉଁରୁଟି, କେକ ଭଳି ଅନେକ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି । ହେଲେ ଅଧିକାଂଶ ଖାଦ୍ୟ ସାମଗ୍ରୀରେ ମାନ ଅଧିକାରୀ ମାନେ ଯାଞ୍ଚ କରୁନାହାନ୍ତି କି ଏକ୍ସପାଏରୀ ତାରିଖ ମଧ୍ୟ ଲେଖାଯାଉନି । ଏହା ବ୍ୟତିତ ଖାଦ୍ୟରେ ବ୍ୟବହୃତ ସାମଗ୍ରୀର ତାଲିକା ମଧ୍ୟ ଲେଖାଯାଉନ । ଫଳରେ ବିଭିନ୍ନ ସମୟରେ ଏକ୍ସପାଏରୀ ଖାଦ୍ୟ ସାମଗ୍ରୀ ଖାଇ ଜନସାଧାରଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ନଜର ରହିଛି । ସୁପ୍ରିମକୋର୍ଟଙ୍କ ଦ୍ୱାରା ବାରମ୍ବାର ସୂଚିତ କରାଯାଇଛି ଯେ ଖାଦ୍ୟର ଅଧିକାର ହେଉଛି ଭାରତ ସମ୍ବିଧାନର ଧାରା ୨୧ ଅନୁଯାୟୀ ସୁନିଶ୍ଚିତ ଜୀବନର ଅଧିକାର । ଏହା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକୟ ସେହିପରି ଏହା ମଧ୍ୟ ଭାରତର ସମ୍ବିଧାନର ଧାରା ୧୪ ର ଉଲ୍ଲଂଘନୟ କାରଣ ଗରିବ ମାନେ ବଡ ଦୋକାନରୁ ଏକ ଜିନିଷ କିଣି ପାରିବେ ନାହିଁ ଏବଂ ଧନୀ ଲୋକମାନେ ବଜାରରୁ ଅପରିଷ୍କାର ପଦାର୍ଥ ନେଉନାହାଁନ୍ତି । ତେଣୁ ଏହା ଅତ୍ୟନ୍ତ ଅସମାନ ସମାଜ, ଯେଉଁଠାରେ କେବଳ ଗରିବ ଲୋକ ଦୁଃଖ ପାଆନ୍ତି ଆଉ ମରନ୍ତି । ଏନେଇ ବିଭିନ୍ନ ସମୟରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ପ୍ରସାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ପ୍ରକାଶ ଥାଉକି ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଜଣେ ଖାଦ୍ୟ ସୁରକ୍ଷା ଅଧିକାରୀ ନିୟୋଜିତ କରି ନିୟମିତ ଭାବେ ଖାଦ୍ୟର ମାନ ପରୀକ୍ଷଣ କରିବା ସହିତ ଯେଉଁମାନେ ଏହାର ଉଲ୍ଲଘଂନ କରୁଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦୋକାନସିଲ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛ ।

## ଜାପାନରେ ୬.୧ ତୀବ୍ରତାର ଶକ୍ତିଶାଳୀ ଭୂକମ୍ପ

ନୂଆଦିଲ୍ଲୀ : ଶକ୍ତିଶାଳୀ ଭୂମିକମ୍ପ ଝଟକାରେ ଦୋହଲିଲା ଜାପାନ। ଜାପାନର ହୋକାଇଡୋ ଉପକୂଳରେ ୬.୧ ତୀବ୍ରତାର ଭୂକମ୍ପ ଝଟକ ଅନୁଭୂତ ହୋଇଛି। ଭୂକମ୍ପ ପରେ ଏପର୍ଯ୍ୟନ୍ତ କୌଣସି ସୁନାମି ଚେତାବନୀ ଜାରି କରାଯାଇନାହିଁ । ଭୂକମ୍ପ ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ଆତଙ୍କ ସୃଷ୍ଟି କରିଛି । ଜାପାନ ପାଣିପାଗ ସଂସ୍ଥା (ଔଗଇ) ଭୂମିକମ୍ପକୁ ନିଶ୍ଚିତ କରି କହିଛି ଯେ, ଗୁରୁବାର (ଜୁନ୍ ୧୯) ଜାପାନର ହୋକାଇଡୋ ଅଞ୍ଚଳର ନେମୁରୋ ଉପଦ୍ୱୀପର ଦକ୍ଷିଣ-ପୂର୍ବ ଉପକୂଳରେ ଭୂମିକମ୍ପ ହୋଇଥିଲା । ଭୂମିକମ୍ପର କେନ୍ଦ୍ରସ୍ଥଳ ୪୨.୮ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୧୪୬.୪ ଡିଗ୍ରୀ ପୂର୍ବ ଦ୍ରାଘିମାରେ ଚିହ୍ନଟ କରାଯାଇଛି । ଜାପାନ ସରକାର ଏବଂ ଭୂମିକମ୍ପ ବୈଜ୍ଞାନିକମାନେ ସୁନାମି ନେଇ ସତର୍କତା ଜାରି କରିଛନ୍ତି । ଯେକୌଣସି ପ୍ରକାରର ବିପର୍ଯ୍ୟୟର ମୁକାବିଲା ପାଇଁ ଲୋକଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରାରମ୍ଭିକ ଯାଞ୍ଚରୁ କ ?ଣସି ପ୍ରକାର କ୍ଷୟକ୍ଷତି ବିଷୟରେ ସୂଚନା ମିଳିନାହିଁ । ଜାପାନ ପ୍ରଶାନ୍ତ ମହାସାଗରର 'ରିଙ୍ଗ ଅଫ ଫାୟର'ରେ ରହିଛି । ଏହା ଦୁନିଆର ସବୁଠାରୁ ଭୂକମ୍ପ ପ୍ରଭାବିତ ଅଞ୍ଚଳ । ପ୍ରତିବର୍ଷ ଛୋଟ ବଡ ହୋଇ ହଜାର ହଜାର ଭୂକମ୍ପ ଏଠାରେ ଆସିଥାଏ । ୨୦୧୧ରେ ୯.୦ ତୀବ୍ରତା ଭୂକମ୍ପ ଯୋଗୁଁ ପାଖାପାଖି ୨୦ ହଜାର ଲୋକଙ୍କ ଜୀବନ ଚାଲିଯାଇଥିଲା । କହିବାକୁ ଗଲେ ରାତିରେ ଭାରତର ଅରୁଣାଚଳ ପ୍ରଦେଶରେ ଏକ ଭୂମିକମ୍ପ ହୋଇଥିଲା । ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୩.୧ ରେକର୍ଡ କରାଯାଇଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ପଶ୍ଚିମ କାମାଙ୍ଗ ଅଞ୍ଚଳରେ ୧୦ କିଲୋମିଟର ତଳେ ଭୂମିକମ୍ପ ହୋଇଥିଲା ।


## ବିମାନ ବନ୍ଦର ନିକଟରେ ଭଙ୍ଗା ହେବ ଘର

ନୂଆଦିଲ୍ଲୀ : ଜୁନ ୧୨ରେ ଅହମଦାବାଦରେ ଘଟିଥିବା ଭୟଙ୍କର ବିମାନ ଦୁର୍ଘଟଣା ପରେ, ବିମାନ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଥିବା ନିର୍ମାଣକୁ ନିୟନ୍ତ୍ରଣ କରିବା ପାଇଁ ବୁଧବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ନୂତନ ନିୟମ ଜାରି କରିଛି। ସରକାରୀ ଗେଜେଟରେ ପ୍ରକାଶିତ ହେବା ପରେ ବିମାନ (ଅବରୋଧ ଭାଙ୍ଗିବା) ନିୟମ, ୨୦୨୫ ନାମକ ଡ୍ରାଫ୍ଟ କାର୍ଯ୍ୟକାରୀ ହେବ। ଏହି ନିୟମ ଅନୁଯାୟୀ, ବିମାନବନ୍ଦର ଚାରିପାଖରେ ଥିବା ଅଞ୍ଚଳରେ ଉଚ୍ଚତା ସୀମା ଅତିକ୍ରମ କରୁଥିବା କୋଠା ଏବଂ ଗଛ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନୋଟିସ ପାଇବାର ଦୁଇ ମାସ ମଧ୍ୟରେ କୋଠା ମାଲିକମାନଙ୍କୁ ଗଠନର ପରିମାଣ ଏବଂ ସ୍ଥାନ ଯୋଜନା ସହିତ ବିସ୍ତୃତ ସୂଚନା ଦାଖଲ କରିବାକୁ ପଡିବ। ଯଦି କେହି ନିୟମ ପାଳନ କରନ୍ତି ନାହିଁ, ତେବେ କୋଠାକୁ ମଧ୍ୟ ଭାଙ୍ଗି ଦିଆଯାଇପାରିବ କିମ୍ବା ଉଚ୍ଚତା ହ୍ରାସ କରାଯାଇପାରିବ। ନିର୍ମାଣର ଭୌତିକ ଯାଞ୍ଚ ପାଇଁ, ମାଲିକମାନଙ୍କୁ ଜଣାଇବା ପରେ, ଅଧିକାରୀମାନେ



ଦିବା ଆଲୋକରେ ପରିସରରେ ପ୍ରବେଶ କରିପାରିବେ ଏବଂ ଏପରି ପରିସ୍ଥିତିରେ, ଯଦି ଅଧିକାରୀମାନେ ସହଯୋଗ ନ କରନ୍ତି, ତେବେ ସେମାନେ ଉପଲବ୍ଧ ସୂଚନା ଆଧାରରେ କାର୍ଯ୍ୟାନୁଷ୍ଠାନ ନେଇ ଡିଜିସିଏକୁ ମାମଲା ପଠାଇପାରିବେ। ଯଦି କେହି ନିୟମ ପାଳନ ନ କରନ୍ତି, ତେବେ ମୁଖ୍ୟ ଅଧିକାରୀଙ୍କୁ ଜିଲା କଲେକ୍ଟରଙ୍କୁ ମାମଲାର ଏକ ରିପୋର୍ଟ ଦାଖଲ କରିବାକୁ ପଡିବ, ଯାହା ପରେ ସେ ନିର୍ଦ୍ଦେଶ ଅନୁଯାୟୀ ଭାଙ୍ଗିବା ସୁନିଶ୍ଚିତ କରିବା ପାଇଁ ଦାୟୀ ରହିବେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରିବା ପାଇଁ, କୋଠା ମାଲିକ ଆପିଲେଟ କର୍ତ୍ତୃପକ୍ଷଙ୍କ ନିକଟରେ ଏକ ଅପିଲ ଦାଖଲ କରିପାରିବେ। ଏହି ଅପିଲ ପାଇଁ, ସହାୟକ ଡକ୍ୟୁମେଣ୍ଟ ଏବଂ ଏକ ହଜାର ଟଙ୍କା ଫି ମଧ୍ୟ ଦାଖଲ କରିବାକୁ ପଡିବ। ତଥାପି, କେବଳ ସେହି ବ୍ୟକ୍ତିମାନେ ଭାରତୀୟ ବାୟୁସେନା ଆଇନ, ୨୦୨୪ର ଧାରା ୨୨ ଅନୁଯାୟୀ କ୍ଷତିପୂରଣ ଦାବି କରିବାକୁ ଯୋଗ୍ୟ, ଯେଉଁମାନେ ଆଦେଶ ପାଳନ କରିବେ ନାହିଁ। ଏହା ସହିତ, ବିଜ୍ଞପ୍ତି ପରେ ନିର୍ମିତ ଅଣ-ଅନୁପାଳନକାରୀ ନିର୍ମାଣ କ୍ଷତିପୂରଣ ପାଇଁ ଯୋଗ୍ୟ ହେବେ ନାହିଁ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ବିଜ୍ଞପ୍ତି ପ୍ରକାଶନର ୨୦ ଦିନ ମଧ୍ୟରେ ଆପତ୍ତି କିମ୍ବା ପରାମର୍ଶ ଦାଖଲ କରିବାକୁ ଲୋକଙ୍କୁ କହିଛି। ଏହାର ଉତ୍ତର ବେସାମରିକ ବିମାନ ଚଳାଚଳ ନିୟାମକ ଉଏଉଇ କୁ ପଠାଯାଇପାରିବ। ସୂଚନାଯୋଗ୍ୟ, ଜୁନ ୧୨ରେ, ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲଣ୍ଡନ ପାଇଁ ବାହାରିଥିବା ବିମାନ ଉଡ଼ାଣ କରିବାର ମାତ୍ର କିଛି ସେକେଣ୍ଡ ପରେ ଏକ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ମେଘନଗରୀର ବିଜେ ମେଡିକାଲ କଲେଜର ହଷ୍ଟେଲ ପରିସରରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ବିମାନରେ ଥିବା ୨୪୨ ଜଣଙ୍କ ମଧ୍ୟରୁ ୨୪୧ ଜଣଙ୍କ ମୃତ୍ୟୁ ହୋଇଥିଲା। ଗୁଜୁରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ମଧ୍ୟ ମୃତକଙ୍କ ମଧ୍ୟରେ ଥିଲେ।

# ବୈଶ୍ୱିକ ରାଜନୀତିରେ ଭାରତର ପଦଚିହ୍ନ



ନୂଆଦିଲ୍ଲୀ : ଆନ୍ତର୍ଜାତିକ ରାଜନୀତିରେ ଭାରତର ବଦଳୁଥିବା ପ୍ରତିଚ୍ଛବି ଏହାକୁ ବିଶ୍ୱଗୁରୁ ଭାବେ ଉତ୍ ?ଥାପନ କରିଛି। 'ଭାରତ ପ୍ରଥମ' ନୀତିକୁ ସ୍ପଷ୍ଟ କରିବା ସହ ଭାରତ ବିଗତ ୧୧ ବର୍ଷରେ ବିଶ୍ୱକୁ ଏକ ପରିବାର ଭାବେ ବିବେଚନା କରିଛି। ଜଳବାୟୁ ପରିବର୍ତ୍ତନର ଆହ୍ୱାନକୁ ମୁକାବିଲା ଠାରୁ ଆରମ୍ଭ କରି କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଭାରତର ନେତୃତ୍ୱକୁ ବିଶ୍ୱ ପ୍ରଶଂସା କରିଛି। ଏହିଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଭାରତର ସ୍ୱରକୁ ବିଶ୍ୱପ୍ଲାଟଫର୍ମରେ ପ୍ରତିଧ୍ୱନୀତ କରିଛି। ଏଥିରୁ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଏଠାରେ ଉଲ୍ଲେଖଯୋଗ୍ୟ।

ଆନ୍ତର୍ଜାତିକ ନେତୃତ୍ୱ: ଜି-୨୦ରେ ଭାରତର ଅଧ୍ୟକ୍ଷତା ଏବଂ ବିଶ୍ୱ ଜୈବିକ ଇନ୍ଧନ ମେଣ୍ଟର ଶୁଭାରମ୍ଭ ଭାରତର ଉଦୀୟମାନ ନେତୃତ୍ୱକୁ ବିଶ୍ୱ ଦରବାରରେ ଦୋହରାଇଥିଲା। ଡିସେମ୍ବର ୧, ୨୦୨୨ରୁ ନଭେମ୍ବର ୩୦, ୨୦୨୩ ପର୍ଯ୍ୟନ୍ତ ଭାରତ ଜି - ୨୦ ରାଷ୍ଟ୍ର ମଣ୍ଡଳୀର ସଭାପତିତ୍ୱ କରିଥିଲା। ସେପ୍ଟେମ୍ବର ୨୦୨୩ରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ଅଷ୍ଟାଦଶ ଜି-୨୦ ନେତାଙ୍କ ଶିଖର ସମ୍ମିଳନୀ ୨୦ ସଦସ୍ୟ ରାଷ୍ଟ୍ରର ପ୍ରତିନିଧିଙ୍କ ସମେତ, ନଅଟି ନିମନ୍ତ୍ରିତ ଦେଶ ଏବଂ ୧୪ଟି ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧି ଯୋଗ ଦେଇଥିଲେ। ଭାରତର ୬୦ଟି ସହରରେ ୨୦୦ ରୁ ଅଧିକ ବୈଠକ ଆୟୋଜନ କରିଥିଲା, ଯେଉଁଥିରେ ଏକ ଲକ୍ଷରୁ ଅଧିକ ପ୍ରତିନିଧି ସାମିଲ ହୋଇଥିଲେ। ଏହି ସମ୍ମିଳନୀର ବିଷୟବସ୍ତୁ ଥିଲେ 'ବସୁଧୈବ କୁଟୁମ୍ବକମ୍'। ଏହା ଭାରତର ସଭ୍ୟତା, ନୀତି ଏବଂ ସହଯୋଗ ପାଇଁ ଇଚ୍ଛାକୁ ବିଶ୍ୱରେ ପ୍ରତିଫଳିତ କରିଥିଲା। ସେହିପରି ୧୦ ଫେବୃଆରୀ ୨୦୨୪ରେ, ପ୍ରଧାନମନ୍ତ୍ରୀ ମୋଦୀ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ପ୍ୟାରିସରେ ଆୟୋଜିତ ଏଆଇ ଆକ୍ସନ ଶିଖର ସମ୍ମିଳନୀର ସହ-ଅଧ୍ୟକ୍ଷତା କରିଥିଲେ। ଏହି ଶିଖର ସମ୍ମିଳନୀରେ ଦାୟିତ୍ୱପୂର୍ଣ୍ଣ ଏବଂ ଅନ୍ତର୍ଭୁକ୍ତ ଏଆଇ ବିକାଶ ଉପରେ ଉଚ୍ଚସ୍ତରୀୟ ଆଲୋଚନା ହୋଇଥିଲା। ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଭାରତର ବଢୁଥିବା ପ୍ରଭାବ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ସହିତ ଟେକ୍ନୋଲୋଜି ପ୍ରଗତିକୁ ସମନ୍ୱିତ କରିବା ନୀତିକୁ ଏହା ପ୍ରତିଫଳିତ କରିଥିଲା। କୋଭିଡ ସଙ୍କଟ ସମୟରେ, ଭାରତ ଏହାର ମାନବ-କୈନ୍ଦ୍ରିକ କୂଟନୀତିର ପ୍ରମାଣ ସ୍ୱରୂପ ଟିକା ମୈତ୍ରୀ ପଦକ୍ଷେପ ନେଇଥିଲା। ଜାନୁଆରୀ ୨୦୨୧ ଠାରୁ ଭାରତ ୯୯ଟି ଦେଶ ଏବଂ ଦୁଇଟି ଜାତିସଂଘ ସଂସ୍ଥାକୁ ୩୦.୧୨ କୋଟିରୁ ଅଧିକ ଟିକା ଡୋଜ୍ ଯୋଗାଇ ବିଶ୍ୱରେ ନିଜର ମାନବୀୟ ବିଚାରକୁ ଉନ୍ମୁକ୍ତ କରିଥିଲା। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ତତ୍ ?କାଳୀନ ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାଙ୍କୋଇସ୍ ଓଲାଣ୍ଡଙ୍କ ଦ୍ୱାରା ୩୦ ନଭେମ୍ବର ୨୦୧୫ରେ ପ୍ୟାରିସଠାରେ ଉଙଚ-୨୧ର ଶୁଭାରମ୍ଭ କରାଯାଇଥିଲା। ସେହିପରି ଅନ୍ତର୍ଜାତୀୟ ସୌର ମେଣ୍ଟ ହେଉଛି ଭାରତର ପ୍ରମୁଖ ଜଳବାୟୁ ନିୟନ୍ତ୍ରଣ ପ୍ରୟାସ ଭିତରୁ ଗୋଟିଏ। ୧୨୦ ସଦସ୍ୟ ଏବଂ ସ୍ୱାକ୍ଷରକାରୀ ଦେଶ ସହିତ, ଏହି ଅଭିଯାନ ଦ୍ୱାରା ଆଇଏସ୍ ?ଏ ୨୦୩୦ ସୁଦ୍ଧା ୧ ହଜାର ବିଲିୟନ ଡଲାରରୁ ଅଧିକ ସୌର ନିବେଶ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି। ଭାରତର ଗୁରୁଗ୍ରାମରେ ଏହାର ମୁଖ୍ୟାଳୟ ସ୍ଥାପନ କରାଯାଇଛି। ଏହା ଭାରତରେ ଅବସ୍ଥାପିତ ପ୍ରଥମ ଅନ୍ତର୍ଜାତୀୟ ଆନ୍ତଃସରକାରୀ ସଂସ୍ଥା।

ଯେଉଁଠି ସଙ୍କଟ ସେଇଠି ସହାୟତା: ଏତ ଗଲା ଆନ୍ତର୍ଜାତିକ ସ୍ତରରେ ପରିବେଶ, ପ୍ରଯୁକ୍ତିବିଦ୍ୟାର ଉପଯୋଗ ଏବଂ ଗବେଷଣା ତଥା ବସୁଧୈବ କୁଟୁମ୍ବକମ୍ ? ଚିନ୍ତାଧାରାକୁ ଆଗକୁ ନେବା ପାଇଁ ବିଶ୍ୱନେତୃତ୍ୱ ନେଉଥିବା ନୂତନ ଭାରତର ଗାଥା। ଅଭିନବ ଚିନ୍ତାଧାରା ସହ ଭାରତ କେବେ ମାନବୀୟ ମୂଲ୍ୟବୋଧକୁ ପଛରେ ପକାଇ ନାହିଁ। ଯେଉଁଠି ଯେତେବେଳେ ସମସ୍ୟା ସୃଷ୍ଟି ହୋଇଛି ସେଇଠି ସେତେବେଳେ ସହାୟତାର ଝୁଡ଼ି ନେଇ ଠିଆ ହୋଇଛି ଭାରତ। ଗତ ପାଞ୍ଚ ବର୍ଷ ମଧ୍ୟରେ, ଭାରତ ୧୫୦ ରୁ ଅଧିକ ଦେଶକୁ ମାନବୀୟ ସହାୟତା ଏବଂ ବିପର୍ଯ୍ୟୟ ସହାୟତା ପ୍ରଦାନ କରିଛି। ଏହା ମହାମାରୀ ଠାରୁ ଆରମ୍ଭ କରି ପ୍ରାକୃତିକ ବିପର୍ଯ୍ୟୟ ପର୍ଯ୍ୟନ୍ତ ସଙ୍କଟର ମୁକାବିଲା କରିବା ପାଇଁ ଡାକ୍ତରୀ ଦଳ, ରିଲିଫ୍ ସାମଗ୍ରୀ ଏବଂ ବିଶେଷଜ୍ଞ ମାନବଶକ୍ତି ନିୟୋଜିତ କରିଛି। ଏହି ପ୍ରୟାସଗୁଡ଼ିକ କେବଳ ଭାରତର କ୍ଷମତା ନୁହେଁ ବରଂ ଏକ ଦାୟିତ୍ୱବାନ ଶକ୍ତି ଭାବରେ ଏହାର କର୍ତ୍ତବ୍ୟବୋଧକୁ ମଧ୍ୟ ପ୍ରତିଫଳିତ କରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ସରକାର ଭାରତକୁ ବିଶ୍ୱ ମଞ୍ଚରେ ଦୃଢ଼ ଭାବରେ ସ୍ଥାପନ କରିଛନ୍ତି, ସ୍ଥାୟୀ ସହଭାଗୀତା ଗଠନ କରିଛନ୍ତି ଏବଂ ରଣନୈତିକ ସ୍ୱାୟତ୍ତତାକୁ ସୁରକ୍ଷା ଦେଇଛନ୍ତି। ନିକଟ ପଡ଼ୋଶୀ ହେଉ କିମ୍ବା ବ୍ୟାପକ ଭାରତ-ପ୍ରଶାନ୍ତ ମହାସାଗରୀୟ, ବହୁପାକ୍ଷିକ ମଞ୍ଚ କିମ୍ବା ଦକ୍ଷିଣ ବିଶ୍ୱ ସହିତ ସମ୍ପର୍କର ଭାରତର ଭାରତ ସ୍ୱଷ୍ଟତା ଏବଂ ଉଦ୍ଦେଶ୍ୟ ପ୍ରଶଂସା ପାଇଛି। ପ୍ରତ୍ୟେକ ପଦକ୍ଷେପ, ମେଣ୍ଟ ଏବଂ ଶିଖର ସମ୍ମିଳନୀ ବିଶ୍ୱ ଶାନ୍ତି ଏବଂ ବିକାଶରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ସହିତ ଭାରତୀୟ ଲୋକଙ୍କ ସ୍ୱାର୍ଥକୁ ପ୍ରଥମ ସ୍ଥାନରେ ରଖିଛି ଦେଶ।

ପଡ଼ୋଶୀ ପ୍ରଥମ: ଭାରତର 'ପଡ଼ୋଶୀ ପ୍ରଥମ' ନୀତି ଆଞ୍ଚଳିକ ସମ୍ପର୍କ ପାଇଁ ଏକ ସାହସିକ, ଭବିଷ୍ୟତମୁଖୀ ଆଭିମୁଖ୍ୟ ଗଠନ କରିଛି। ଏହି ନୀତି ଭୁଟାନ, ନେପାଳ, ଶ୍ରୀଲଙ୍କା, ମାଳଦ୍ୱୀପ, ମିଆଁମାର, ବାଂଲାଦେଶ ଏବଂ ଆଫଗାନିସ୍ତାନ ଭଳି ପଡ଼ୋଶୀମାନଙ୍କ ସହିତ ଦୃଢ଼ ଭୌତିକ, ଡିଜିଟାଲ୍ ଏବଂ ସାଂସ୍କୃତିକ ସମ୍ପର୍କକୁ ପ୍ରାଥମିକତା ଦିଏ। ଏହା ସମ୍ମାନ, ଆଲୋଚନା, ଶାନ୍ତି ଏବଂ ସମୃଦ୍ଧିର ନୀତି ଦ୍ୱାରା ପରିଚାଳିତ। ଭାରତର ସମର୍ଥନ ଉଚ୍ଚସ୍ତରୀୟ ଭିତ୍ତିଭୂମିଠାରୁ ଆରମ୍ଭ କରି ସ୍ଥାନୀୟ ବିକାଶ ପ୍ରକଳ୍ପ ପର୍ଯ୍ୟନ୍ତ ରହିଛି।

ପୂର୍ବ ନୀତି: ୨୦୧୪ ମସିହାରେ 'ଲୁକ୍ ଇଷ୍ଟ' ନୀତିରୁ ଆକ୍ଟ ଇଷ୍ଟ ନୀତିକୁ ଗୁରୁତ୍ୱ ଦେଇ ଭାରତ ଦକ୍ଷିଣ-ପୂର୍ବ ଏସିଆ ଏବଂ ଭାରତ-ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ଭାରତର ପ୍ରସାରକୁ ବିସ୍ତାର କରିଛି। ଆସିଆନ ଏହାର ମୂଳ ସ୍ଥାନରେ ଥିବାରୁ, ଏହି ନୀତି ଅର୍ଥନୈତିକ ସହଭାଗୀତା, ସାଂସ୍କୃତିକ ଆଦାନପ୍ରଦାନ ଏବଂ ସୁରକ୍ଷା ସମ୍ପର୍କକୁ ଅଭିପ୍ରେରିତ କରେ। ପୂର୍ବ ଏସିଆ ଶିଖର ସମ୍ମିଳନୀ, କ୍ୱାଡ ଏବଂ ଆସିଆନ ପ୍ରତିରକ୍ଷା ମନ୍ତ୍ରୀ ସ୍ତରୀୟ ବୈଠକ ପ୍ଲସ୍ ଭଳି ପ୍ରମୁଖ ଆଞ୍ଚଳିକ ଫୋରମରେ ସକ୍ରିୟ ଅଂଶଗ୍ରହଣ କରିବା ସହିତ ଭାରତ ଦୃଢ଼ ଦ୍ୱିପାକ୍ଷିକ ସମ୍ପର୍କ ଗଠନ କରିଛି।

ଦକ୍ଷିଣ ବିଶ୍ୱ ସହ ନିବିଡ଼ତା: ଦକ୍ଷିଣ ବିଶ୍ୱରେ ଭାରତର ନେତୃତ୍ୱ ସହଭାଗୀ ଇତିହାସ ଏବଂ ସାଧାରଣ ଆକାଂକ୍ଷା ଉପରେ ଅବସ୍ଥାପିତ। ଜାନୁଆରୀ ଏବଂ ନଭେମ୍ବର ୨୦୨୩ ଏବଂ ଅଗଷ୍ଟ ୨୦୨୪ରେ ଅନୁଷ୍ଠିତ ଭଏସ୍ ଅଫ୍ ଗ୍ଲୋବାଲ୍ ସାଉଥ ସମ୍ମିଳନୀର ତିନୋଟି ସଂସ୍କରଣ ଦକ୍ଷିଣ ସ୍ୱରକୁ ବୃଦ୍ଧି କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ପ୍ରତ୍ୟେକ ସଂସ୍କରଣରେ ୧୦୦ ରୁ ଅଧିକ ଦେଶର ଅଂଶଗ୍ରହଣ ଭାରତର ବିଶ୍ୱସନୀୟତାକୁ ପ୍ରତିଫଳିତ କରିଥିଲା। ମାର୍ଚ୍ଚ ୨୦୨୫ ରେ, ପ୍ରଧାନମନ୍ତ୍ରୀ ମୋଦୀ ମରିସସରେ 'ମହାସାଗର' ସିଦ୍ଧାନ୍ତ ଆରମ୍ଭ କରିଥିଲେ, ଯାହା ଭାରତର ସୁରକ୍ଷା ଏବଂ ଅଭିବୃଦ୍ଧି ପାଇଁ ପାରସ୍ପରିକ ଏବଂ ସାମଗ୍ରିକ ଉନ୍ନତିର ଲକ୍ଷ୍ୟକୁ ସୁଦୃଢ଼ କରିଥିଲା। ଏହି ସମ୍ପର୍କ ଦ୍ୱାରା ଦକ୍ଷିଣ ବିଶ୍ୱ ଦେଶ ଗୁଡ଼ିକର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗୃହ ନିର୍ମାଣ ଭଳି କ୍ଷେତ୍ରଗୁଡ଼ିକରେ ଭାରତ ସହଭାଗୀ ହୋଇଛି।

ନୂତନ ଦୂତାବାସ ଏବଂ କନସୁଲେଟ୍: ୨୦୧୪-୨୦୨୪ ମଧ୍ୟରେ, ଭାରତ ସାରା ବିଶ୍ୱରେ ୩୯ ଟି ନୂତନ ଦୂତାବାସ ଏବଂ କନସୁଲେଟ୍ ଖୋଲିଛି। ମୋଟ ସଂଖ୍ୟା ବର୍ତ୍ତମାନ ୨୧୯ ରେ ପହଞ୍ଚିଛି। ଏହି ବିସ୍ତାର ଭାରତର ବିଶ୍ୱବ୍ୟାପୀ ଉପସ୍ଥିତି ଏବଂ ପ୍ରସାରକୁ ତୀକ୍ଷ୍ଣ କରିଛି। ପ୍ରତ୍ୟେକ ମିଶନ ଜାତୀୟ ସ୍ୱାର୍ଥ ଉପରେ ସରକାରଙ୍କ ସ୍ପଷ୍ଟ ଧ୍ୟାନକୁ ପ୍ରତିଫଳିତ କରେ। ଏହା ବିକାଶ ଏବଂ ସୁରକ୍ଷାର ଏକ ଉପକରଣ ଭାବରେ କୂଟନୀତିକୁ ଦିଆଯାଉଥିବା ଗୁରୁତ୍ୱକୁ ମଧ୍ୟ ଦର୍ଶାଏ। ବର୍ଦ୍ଧିତ ପଦଚିହ୍ନ ବାଣିଜ୍ୟକୁ ବୃଦ୍ଧି କରିବାରେ, ସମ୍ପର୍କକୁ ଗଭୀର କରିବା ଏବଂ ବିଦେଶରେ ଭାରତୀୟ ନାଗରିକଙ୍କୁ ସମର୍ଥନ କରିବାରେ ସାହାଯ୍ୟ କରିଛି। ଏହା ଉଦ୍ଦେଶ୍ୟମୂଳକ, ଦୃଢ଼ ଏବଂ ଭବିଷ୍ୟତ ଦୃଷ୍ଟିରୁ କୂଟନୀତି, ସର୍ବଦା ଦେଶକୁ ପ୍ରଥମେ ରଖେ। ରଣନୈତିକ ସ୍ତରରେ ବିଶ୍ୱ ସମ୍ପର୍କର ନେତୃତ୍ୱ: ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଆମେରିକା, ରୁଷ, ଫ୍ରାନ୍ସ ଏବଂ ସାଉଦି ଆରବ ଭଳି ପ୍ରମୁଖ ବିଶ୍ୱ ଶକ୍ତି ସହିତ ସମ୍ପର୍କ ଗଭୀର, ଅଧିକ ସଂଗଠିତ ଏବଂ କ୍ରମଶଃ ଭବିଷ୍ୟତ-ମୁଖୀ ହୋଇଛି। ପ୍ରତିରକ୍ଷା ଏବଂ ବାଣିଜ୍ୟ ଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ଏବଂ ଲୋକଙ୍କ ସହ ଲୋକଙ୍କ ସମ୍ପର୍କ ପର୍ଯ୍ୟନ୍ତ, ଏହି ସହଭାଗୀତା ବିଶ୍ୱ ସ୍ତରରେ ଏକ ପ୍ରମୁଖ କାରକ ଭାବରେ ଭାରତର ବିକଶିତ ଭୂମିକାକୁ ପ୍ରତିଫଳିତ କରୁଛି।

## ଏୟାର ଇଣ୍ଡିଆ ବ୍ଲାକ ବକ୍ସ କ୍ଷତି ଗ୍ରସ୍ତ, ଆମେରିକା ଯିବ





ନୂଆଦିଲ୍ଲୀ : ଜୁନ ୧୨ରେ ଅହମଦାବାଦ ଏୟାର ପୋର୍ଟ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମଲାଇନର ବିମାର ବାକ୍ସ ବକ୍ସ ଅତ୍ୟଧିକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଉଦ୍ଧାରକାରୀ ଦଳ ଏହାକୁ ଦୁର୍ଘଟଣା ସ୍ଥଳରୁ ଠାବ କରିଥିଲେ ହେଁ ଏଥିରୁ ତଥ୍ୟ ରିକଭରୀ ହୋଇପାରୁ ନାହିଁ। ଏଥିପାଇଁ ଏହାକୁ ଆମେରିକା ପଠାଯିବ ବୋଲି ଜଣାପଡ଼ିଛି। ଓ୍ୱାଶିଂଟନରେ ଥିବା ଗୋଟିଏ ଲ୍ୟାବକୁ ଏୟାର ଇଣ୍ଡିଆର ବାକ୍ସ ବକ୍ସକୁ ପଠାଯିବ। ସେଠାରେ ଏଥିରୁ ତଥ୍ୟ ରିକଭରୀ କରାଯିବ। ତେବେ ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି କେନ୍ଦ୍ର ସରକାର ନେବେ। କମଳା ରଙ୍ଗର ଏହି ଡିଭାଇସକୁ ଦୁର୍ଘଟଣା ଗ୍ରସ୍ତ ବିମାନର ପଛ ପାର୍ଶ୍ୱରୁ ଠାବ କରାଯାଇଥିଲା। ବିମାନଟି ନିୟନ୍ତ୍ରଣ ହରାଇ ଜେବି ମେଡିକାଲ କଲେଜର ହଷ୍ଟେଲ ବିଲଡିଂକୁ ଧକ୍କା ଦେଇଥିଲା। ବିଲଡିଂ କାନ୍ଥରେ ଏହାର ପଛ ପାର୍ଶ୍ୱ ଲାଗି ଯାଇଥିଲା। ଉଦ୍ଧାରକାରୀ ଦଳ ଛାତ ଉପରୁ ବ୍ଲାକ ବକ୍ସକୁ ଠାବ କରିଥିଲେ। ବ୍ଲାକ ବକ୍ସ ମିଳିଥିବାରୁ ତଦନ୍ତକାରୀ ଟିମକୁ ଦୁର୍ଘଟଣାର କାରଣ ଖୋଜିବାରେ ବେଶ ସହାୟକ ହେବ ବୋଲି କୁହାଯାଉଥିଲା। କିନ୍ତୁ କ୍ରାଶ ଯୋଗୁ ଏହା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏଥିରୁ ତଥ୍ୟ ରିକଭରୀ କରିବାରେ ତଦନ୍ତକାରୀ ଟିମ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲାକ ବକ୍ସକୁ ଫ୍ଲାଇଟ ରେକର୍ଡ ମଧ୍ୟ କୁହାଯାଏ। ବ୍ଲାକ ବକ୍ସ ବହୁତ ଶକ୍ତିଶାଳୀ। ଏହା ବିମାନର ପଛ ଭାଗରେ ସୁରକ୍ଷିତ ରହିଥାଏ। ବିମାନ ଦୁର୍ଘଟଣା ପରେ ବ୍ଲାକ ବାକ୍ସ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପକରଣ ମଧ୍ୟରୁ ଗୋଟିଏ। ଏହା ସାହାଯ୍ୟରେ ଦୁର୍ଘଟଣାର ତଦନ୍ତ କରାଯାଏ। ବିମାନ କିପରି ଦୁର୍ଘଟଣାଗ୍ରସ୍ତ ହେଲା ? ଏହା ପଛରେ କ'ଣ କାରଣ ଥିଲା ? କକପିଟରେ ପାଇଲଟ ଓ ଅନ୍ୟମାନେ କ'ଣ କରୁଥିଲେ ଆଦି ତଥ୍ୟ ମିଳିଥାଏ। ବ୍ଲାକ ବକ୍ସ ସବୁବେଳେ ବିମାନ ଉଡ଼ାଣ ସମୟରେ ଘଟୁଥିବା ସମସ୍ତ କାର୍ଯ୍ୟକଳାପକୁ ରେକର୍ଡ କରେ। ଏହି କାରଣରୁ ଏହାକୁ ଫ୍ଲାଇଟ ଡାଟା ରେକର୍ଡର ବା ଉଡଜ ମଧ୍ୟ କୁହାଯାଏ। ବ୍ଲାକ ବକ୍ସଟି ଟାଇଟାନିୟମ ଧାତୁରେ ତିଆରି। ଭୟଙ୍କର ଦୁର୍ଘଟଣା ଘଟିଲେ ମଧ୍ୟ ବ୍ଲାକ ବାକ୍ସ ସୁରକ୍ଷିତ ରହିଥାଏ।

## ମହାରାଷ୍ଟ୍ରରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୮ ମୃତ

ମହାରାଷ୍ଟ୍ର : ମହାରାଷ୍ଟ୍ର ପୁଣେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୮ଜଣ ଲୋକଙ୍କ ମୃତ୍ୟୁ ଘଟିଛି । ବୁଧବାର ସନ୍ଧ୍ୟା ଏକ ଢାବା ସାମ୍ନାରେ ଥିବା ଗାଁ ରାସ୍ତା ନିକଟରେ ଏପରି ଅଘଟଣ ଘଟିଥିବା ସୂଚନା ମିଳୁଛି । ଏହି ମୃତକଙ୍କ ମଧ୍ୟରେ ୭ ଜଣ ପୁରୁଷ ଜଣେ ମହିଳା ଥିବାବେଳେ ୨ ଟି ଛୋଟ ଶିଶୁ ଆହତ ହୋଇଛନ୍ତି । ସୂଚନା ପାଇ ଘଟଣାସ୍ଥଳରେ ପୋଲିସ ତୁରନ୍ତ ପହଞ୍ଚି ଆହତଙ୍କୁ ଚିକିତ୍ସା ଏବଂ ମୃତକଙ୍କୁ ପୋଷ୍ଟମର୍ଟମ ପାଇଁ ପଠାଇଛି । ସୂଚନାନୁଯାୟୀ, ବୁଧବାର ସନ୍ଧ୍ୟା ପ୍ରାୟ ୬ଟା ୪୫ ମିନିଟ୍ ସମୟରେ ଏପରି ଅଘଟଣ କିର୍ଲୋସ୍କର କମ୍ପାନୀ ନିକଟ ଶ୍ରୀରାମ ଢାବା ସମ୍ମୁଖରେ ଜେଜୁରୀ-ମୋରଗାଓଁ ରାସ୍ତାରେ ଘଟିଥିଲା । ଶ୍ରୀରାମ ଢାବା ମାଲିକ ଏବଂ ତାଙ୍କ ଭାଇ ମିଶି ଢାବା ପାଇଁ ଆସିଥିବା ରେଫ୍ରିଜରେଟର ଏକ ପିକଅପ୍ ଗାଡ଼ିରୁ ଅନଲୋଡ କରୁଥିଲେ । ସେହି ସମୟରେ ପଛରୁ ଏକ ଦ୍ରୁତଗାମୀ ସ୍ୱିଫ୍ଟ ଡିଜାୟାର କାର୍ ତାଙ୍କୁ ଜୋରରେ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ୭ଜଣ ପୁରୁଷଙ୍କ ସମେତ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ପୁରୁଷ, ଜଣେ ମହିଳା ଏବଂ ଦୁଇ ଜଣ ଛୋଟ ପିଲା ଆହତ ହୋଇଛନ୍ତି । ଆହତଙ୍କ ଚିକିତ୍ସା ପାଇଁ ସେମାନଙ୍କୁ ତୁରନ୍ତ ଜେଜୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେପଟେ ମୃତକଙ୍କୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି । ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଅନ୍ୟପଟେ ସୂଚନା ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉତ୍ତେଜନାକୁ ଆୟତ୍ତ କରିବା ସହ କ୍ରେନ୍ ମାଧ୍ୟମରେ ଭଗ୍ନାବଶେଷ ଉଠାଇବା ପ୍ରକ୍ରିୟା ଜାରି ରହିଛି । ଏହା ବ୍ୟତୀତ ୮ଜଣ ମୃତକଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ଜଣଙ୍କର ପରିଚୟ ମିଳିପାରିନାହିଁ ।

## ହସ୍ପିଟାଲରେ ଇରାନର ମିସାଇଲ ମାଡ଼ ପରେ ଆକ୍ରମଣକୁ ଜୋରଦାର କଲା ଇସ୍ରାଏଲ





ନୂଆଦିଲ୍ଲୀ : ଇରାନ ଓ ଇସ୍ରାଏଲ ମଧ୍ୟରେ ଆରମ୍ଭ ହୋଇଥିବା ଲଢ଼େଇ ୭ମ ଦିନରେ ଆହୁରି ଭୟଙ୍କର ରୂପ ନେଇଛି। ଗୁରୁବାର ଭୋରରୁ ଇରାନ କରିଥିବା ମିସାଇଲ ମାଡ଼ରେ ଇସ୍ରାଏଲର ଗୋଟିଏ ହସ୍ପିଟାଲରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି। ହସ୍ପିଟାଲରେ ଇରାନର ମିସାଇଲ ଆଟାକ ପରେ ଇସ୍ରାଏଲ ପକ୍ଷରୁ ଏୟାର ଷ୍ଟ୍ରାଇକକୁ ଆହୁରି ଜୋରଦାର କରାଯାଇଛି। ହସ୍ପିଟାଲ ହମଲାର ପ୍ରତିଶୋଧ ଭୟଙ୍କର ଢଙ୍ଗରେ ନେବାକୁ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଆଜି ସକାଳୁ ଇରାନ ପକ୍ଷରୁ ତେଲ ଅଭିଭ ଓ ଦକ୍ଷିଣ ପ୍ରାନ୍ତରେ ଥିବା ବୀର ଶେଭା ସହରର ବିଭିନ୍ନ ସ୍ଥାନରେ ମିସାଇଲ ମାଡ଼ କରାଯାଇଛି। ଏଥିରେ ୩୦ ଜଣ ସାଧାରଣ ଲୋକ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେହିପରି ବୀର ଶେଭା ଠାରେ ଥିବା ସୋରୋକା ମେଡିକାଲ ସେଣ୍ଟର ଉପରେ ମଧ୍ୟ ଇରାନ ମିସାଇଲ ମାଡ଼ କରିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଇସ୍ରାଏଲ ପକ୍ଷରୁ ଦାବି କରାଯାଇଛି।

କିନ୍ତୁ ଇରାନର ସରକାରୀ ଗଣମାଧ୍ୟମ ଏହାକୁ ଖଣ୍ଡନ କରିଛି। ଇରାନ ପକ୍ଷରୁ କୁହାଯାଇଛି ଯେ ଇସ୍ରାଏଲ ଡିଫେନ୍ସ ଫୋର୍ସ ସହ ଜଡ଼ିତ ଟେକ୍ନୋଲୋଜି ପାର୍କକୁ ଟାର୍ଗେଟ କରି ମିସାଇଲ ମାଡ଼ କରା ଯାଇଥିଲା। ଗାଭ-ୟାମ ନେଗେଭ ଟେକ୍ନୋଲୋଜି ପାର୍କ ଇରାନର ପ୍ରମୁଖ ଟାର୍ଗେଟରେ ରହିଥିଲା। ଏହା ଠାରୁ ହସ୍ପିଟାଲର ଦୂରତା ଅଧ କିମିରୁ କମ। ଇରାନ କୌଣସି ପ୍ରକାରରେ ହସ୍ପିଟାଲକୁ ଟାର୍ଗେଟ କରି ନାହିଁ। ମିସାଇଲ ମାଡ଼ରେ ଇସ୍ରାଏଲ ସେନାର ପାର୍କ କ୍ଷତିଗ୍ରସ୍ତ ହୋଇଥିବା ଇରାନ ସଫେଇ ଦେଇଛି।

କିନ୍ତୁ ଇରାନ ହସ୍ପିଟାଲକୁ ଟାର୍ଗେଟ କରିବାକୁ ସେଠାରେ ସାଧାରଣ ଲୋକ କ୍ଷତି ସହିଥିବା ଇସ୍ରାଏଲ କହିଛି। ଏଥିପାଇଁ ନେତାନ୍ୟାହୁ ଇରାନ ଉପରେ ଚାଲିଥିବା ଆକ୍ରମଣକୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ କାଟଜ କହିଛନ୍ତି, ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ସେନା ବାହିନୀକୁ ରଣନୀତି ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା ଇରାନର ପ୍ରତିଷ୍ଠାନ ଉପରେ ଆକ୍ରମଣକୁ ତୀବ୍ର କରିବାକୁ କହିଛନ୍ତି। ଇରାନର ଭୀରୁ ଏକଛତ୍ରବାଦୀ ଶାସକ ବଙ୍କରରେ ଲୁଚିଛନ୍ତି ଓ ଜାଣିଶୁଣି ଇସ୍ରାଏଲର ଜନବସତି ଓ ହସ୍ପିଟାଲ ବିଲଡିଂକୁ ବାଲାଷ୍ଟିକ ମିସାଇଲ ଦ୍ୱାରା ଟାର୍ଗେଟ କରୁଛନ୍ତି। ଏହାର ଦୃଢ଼ ଜବାବ ଦିଆଯାଉଛି ଓ ଆଗକୁ ମଧ୍ୟ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀଙ୍କ ଏହି ବୟାନ ପରେ ଇସ୍ରାଏଲ ସେନା ଅରାକ ନିକଟରେ ଥିବା ଇରାନର ଆଣବିକ ରିଆକ୍ଟର ଉପରେ ଜୋରଦାର ହମଲା କରିଛି। ସେହିପରି ନତାଞ୍ଜରେ ଥିବା ଗୋଟିଏ ସନ୍ଦିଗ୍ଧ ଆଣବିକ ଯୁଦ୍ଧାସ୍ତ୍ର ବିକଶିତ କେନ୍ଦ୍ରକୁ ମଧ୍ୟ ଉଡ଼ାଇ ଦେଇଛି। ଏହାବାଦ ତେହେରାନ ସମେତ ଆଉ କିଛି ସ୍ଥାନରେ ବି ଇସ୍ରାଏଲ ଏୟାର ଷ୍ଟ୍ରାଇକ କରି ବ୍ୟାପକ କ୍ଷୟକ୍ଷତି ଘଟାଇଛି।

## ଟେଷ୍ଟିଂ ବେଳେ ଫାଟିଲା ଏଲନ ମସ୍କଙ୍କ ସ୍ପେସ ଏକ୍ସ ଷ୍ଟାରସିପ୍ ରକେଟ୍





ନୂଆଦିଲ୍ଲୀ : ଟେଷ୍ଟିଂ ବେଳେ ଫାଟିଲା ଏଲନ ମସ୍କଙ୍କ ସ୍ପେସ ଏକ୍ସ ଷ୍ଟାରସିପ ରକେଟ୍ । ଏହି ରକେଟ୍ ମହାକାଶକୁ ଉଡ଼ିବାର ଅନ୍ତିମ ପର୍ଯ୍ୟାୟରେ ଥିଲା, ଯେଉଁଠାରେ ଏହାର ଷ୍ଟେଟିକ ଫାୟାର ଟେଷ୍ଟିଂ କରାଯାଉଥିଲା । ଏହି ରକେଟ୍ ଆଜି ଭାରତୀୟ ସମୟ ସକାଳ ୯.୩୦ ରେ ଲଞ୍ଚ ହେବାର ଥିଲା, କିନ୍ତୁ ଏହା ଫାୟାର ଟେଷ୍ଟିଂ ସମୟରେ ବିସ୍ଫୋରଣ ହୋଇଥିଲା । ଏହି ରକେଟ୍ ବିସ୍ଫୋରଣ ବିଷୟରେ ସ୍ପେସ ଏକ୍ସ ଏକ ସରକାରୀ ବିବୃତ୍ତି ଜାରି କରି କହିଛି ଯେ, ପରୀକ୍ଷଣ ସ୍ଥଳରେ ପରିସ୍ଥିତି ନିୟନ୍ତ୍ରଣରେ ଅଛି ଏବଂ ସମସ୍ତେ ସୁରକ୍ଷିତ ରହିଛନ୍ତି । ଷ୍ଟାରସିପର ୧୦ମ ଉଡ଼ାଣ ପରୀକ୍ଷଣ ପାଇଁ ସମସତ ପ୍ରକାରର ପ୍ରସ୍ତୁତି କରିସାରିଥିବ ବେଳେ ଟେଷ୍ଟି ଷ୍ଟାଣ୍ଡରେ ଦୁର୍ଘଟଣା ଘଟିଥିଲା । ଆଗାମୀ ଟେଷ୍ଟ ଫ୍ଲାଇଟ୍ ପାଇଁ ଚୟନ କରାଯାଇଥିଲା ଏବଂ ଟେକ୍ସାସର ଷ୍ଟାରବେସ୍ ଫାସିଲିଟିରେ ଏହାର ରୋଟିନ୍ ଇଞ୍ଜିନ୍ ଷ୍ଟାଟିକ୍ ଫାୟାର ଟେଷ୍ଟିଂ କରାଯାଉଥିଲା । ଅଗ୍ନି ପରୀକ୍ଷଣ ସମୟରେ ଜୋରରେ ବିସ୍ଫୋରଣ ହୋଇ ରକେଟ୍ ବ୍ଲାଷ୍ଟ ହୋଇଯାଇଥିଲା । ବିସ୍ଫୋରଣ ପରେ ଆଖପାଖରେ ଥିବା ଲୋକମାନେ ସୁରକ୍ଷିତ ରହିଛନ୍ତି । ତେବେ ସୁରକ୍ଷା ଅଭିଯାନ ଜାରି ରହିବା ଯାଏଁ ଲୋକମାନେ ସେ ସ୍ଥାନକୁ ନ ଯିବାକୁ ଅନୁରୋଧ କରାଯାଇଛି ।

# ଆଜିଠୁ ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟ





ଲିଡ୍ସ, ୧୯।୬(ଏଜେନସି): ଅସନ୍ତାକାଲିଠୁ ଭାରତୀୟ କ୍ରିକେଟ୍‌ରେ ନୂଆ ଅଧ୍ୟାୟ ଯୋଡିହେବ। ଦୁଇ ପୂର୍ବତନ ଅଧିନାୟକ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ସହ ବରିଷ୍ଠ ସ୍ପିନର ଆର୍ ଅଶ୍ୱିନଙ୍କ ଅବସର ପରେ ଶୁବମନ ଗିଲ୍ ଭାରତୀୟ ଟେଷ୍ଟ୍ ଦଳର ନବନିଯୁକ୍ତ ଅଧିନାୟକ ଭାବେ ନିଜ ଅଭିଯାନ ଏହି ଦିନ ଆରମ୍ଭ କରିବେ। ୨୫ବର୍ଷୀୟ ଗିଲ୍ ଭାରତୀୟ କ୍ରିକେଟ୍ ଦଳର ସର୍ବକନିଷ୍ଠ ଟେଷ୍ଟ୍ ଅଧିନାୟକ ହେବାର କୀର୍ତ୍ତିମାନ କରି ସାରିଛନ୍ତି। ଏବେ ନିଜ ସଫଳ ନେତୃତ୍ୱରେ ଇଂଲଣ୍ଡ ମାଟିରେ ଭାରତକୁ ବିଜୟୀ କରାଇବାର ପ୍ରତୀକ୍ଷିତ ଲକ୍ଷ୍ୟ ହାସଲ କରିବା ଆଶାରେ ଅଛନ୍ତି। ତାଙ୍କର ଏହି ଗୌରବମୟ ଯାତ୍ରା ଲିଡ୍‌ସର ହେଡିଂଲରେ ପଡିଆରୁ ଆରମ୍ଭ ହେବ। ଇଂଲଣ୍ଡକୁ ଏଠାରେ ପରାସ୍ତ କରିବାକୁ କିନ୍ତୁ ଗିଲ୍‌ଙ୍କ ସହ ପୂରା ଟିମ୍ ଇଣ୍ଡିଆକୁ ଶ୍ରେଷ୍ଠ ଓ ଶୀର୍ଷସ୍ତରୀୟ କ୍ରିକେଟ୍ ଖେଳିବାକୁ ହେବ।

ବିଶେଷ କରି ଭାରତୀୟ ବୋଲରଙ୍କୁ ଲିଡ୍‌ସର ଶୁଷ୍କ ଓ କଠିନ ପିଚ୍‌ରେ ପ୍ରତିପକ୍ଷ ଦଳର ୨୦ ଓ୍ୱିକେଟ୍ ନେବାର ଦକ୍ଷତା ଦେଖାଇବାକୁ ହେବ। ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇପାରିଲେ ଆକ୍ରମଣାତ୍ମକ କ୍ରିକେଟ୍ ପାଇଁ ପରିଚିତ ଇଂଲଣ୍ଡକୁ ଅନ୍ୟ ଚାରିଟି ମ୍ୟାଚ୍‌ରେ ଭାରତ ଚାପରେ ରଖି ପାରିବ।

ହେଡିଂଲେ ଟେଷ୍ଟ୍ ଶୁକ୍ରବାରରୁ ଆରମ୍ଭ ହୋଇ ୨୪ ତାରିଖରେ ଶେଷ ହେବ। ଏହା ପୂର୍ବରୁ ବନ୍ଦ ଦ୍ୱାର ଭିତରେ ଆନ୍ତଃଦଳୀୟ ଅଭ୍ୟାସ କରିଥିବା ଭାରତୀୟ କ୍ରିକେଟ୍ ଦଳ ବୁଧବାର ଖୋଲା ପଡିଆରେ ଅଭ୍ୟାସ କରିଛି। ଦଳ ପାଇଁ ଲିଡ୍‌ସର ପାଗ ଓ ପରିବେଶକୁ ଦେଖି ଚୂଡାନ୍ତ ଏକାଦଶ ବାଛିବା ସବୁଠାରୁ ବଡ ପରୀକ୍ଷା ଭାବେ ଉଭା ହୋଇଛି। କୋହଲିଙ୍କ ସ୍ଥାନ କିଏ ନେବ, ସେ ନେଇ ଅନିଶ୍ଚିତତା ଲାଗି ରହିଛି। ସେହିଭଳି ରୋହିତଙ୍କ ଅଭାବକୁ ପୂରଣ କରିବା ମଧ୍ୟ ଦଳ ପାଇଁ ସେତେଟା ସହଜ ହେଲା ଭଳି ମନେ ହେଉନି। ତେବେ ଦଳର ଅଧିକାଂଶ ଖେଳାଳିଙ୍କର ଇଂଲଣ୍ଡରେ ଖେଳିବାର କିଛି ନା କିଛି ଅଭିଜ୍ଞତା ଥିବାରୁ ଇଂଲଣ୍ଡକୁ ଯୁବ ଭାରତୀୟ ଦଳ ପୂରା ଶୃଙ୍ଖଳାରେ ନିଶ୍ଚିତ ଭାବେ କଡା ଟକ୍କର ଦେବ ବୋଲି ପ୍ରଶଂସକ ଆଶା ରଖିଛନ୍ତି। ଭାରତ ଏହି ଶୃଙ୍ଖଳାରୁ ନିଜ ୨୦୨୫-୨୭ ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ୍ ଚକ୍ର ଆରମ୍ଭ କରିବ।

ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ୍ ଦୃଷ୍ଟିରୁ ଘରୋଇ ଇଂଲଣ୍ଡ ପାଇଁ ମଧ୍ୟ ଏହି ଶୃଙ୍ଖଳାର ଢେର୍ ମହତ୍ତ୍ୱ ରହିବ। ଏଭଳି ସ୍ଥିତିରେ ବ୍ୟାଟର୍ ଓ ବୋଲରଙ୍କ ସହ ଅଲରାଉଣ୍ଡରଙ୍କ ଭୂମିକା ମଧ୍ୟ ନିର୍ଣ୍ଣାୟକ ସାବ୍ୟସ୍ତ ହେବ। ଭାରତ ପାଖରେ ରବୀନ୍ଦ୍ର ଜାଡେଜାଙ୍କ ରୂପରେ ଜଣେ ଅଭିଜ୍ଞ ଓ ଦକ୍ଷ ଅଲରାଉଣ୍ଡର୍ ଅଛନ୍ତି। ଇଂଲଣ୍ଡରେ ସେ ୭୦ ଓ୍ୱିକେଟ୍ ନେବା ସହ ୨ଶତକ ଓ ୬ଅର୍ଦ୍ଧଶତକ ସହ ୧୦୩୧ ରନ୍ କରିଛନ୍ତି। ଇଂଲଣ୍ଡ ପାଇଁ ଅଧିନାୟକ ବେନ୍ ଷ୍ଟୋକ୍ସ ସବୁଠୁ ବଡ ଅସ୍ତ୍ର ହେବେ। ଘରୋଇ ପରିବେଶରେ ଷ୍ଟୋକ୍ସଙ୍କ ପ୍ରଦର୍ଶନ ମଧ୍ୟ ଉଚ୍ଚକୋଟୀର ରହିଛି। ଯଶପ୍ରୀତ୍ ବୁମ୍ରା, ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ ସିରାଜ ଭାରତୀୟ ବୋଲିଂକୁ ସୁଦୃ ? କରୁଛନ୍ତି। ଶେଷ ମୁହୂର୍ତ୍ତରେ ହର୍ଷିତ ରାଣାଙ୍କୁ ସାମିଲ କରି ଭାରତ ମଧ୍ୟ ଆଉଏକ ମାଷ୍ଟରଷ୍ଟ୍ରୋକ୍ ଖେଳିଛି। ୭ବର୍ଷ ପରେ ଭାରତୀୟ ଦଳକୁ ଫେରିଥିବା କରୁଣ ନାୟରଙ୍କ ପାଇଁ ଏହି ମ୍ୟାଚ୍ ସର୍ବାଧିକ ଗୁରୁତ୍ୱ ବହନ କରିବ। ଯଶସ୍ୱୀ ଜୟସ୍ୱାଲ, ଗିଲ୍, ଉପଅଧିନାୟକ ଋଷଭ ପନ୍ତଙ୍କ ସଫଳତା ଉପରେ ମଧ୍ୟ ଭାରତର ସଫଳତା ନିର୍ଭରଶୀଳ ରହିବ।

ହେଡିଂଲେ ଟେଷ୍ଟ୍ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ଭାରତୀୟ ଦଳକୁ ପୁଣି ଥରେ ମିଳିଛି ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ସାଥି। ମା' ସୀମା ଗମ୍ଭୀରଙ୍କ ହୃଦ୍‌ଘାତ ପରେ ସ୍ୱଦେଶ ଫେରିବାକୁ ବାଧ୍ୟ ହୋଇଥିବା ଗମ୍ଭୀର ବୁଧବାର ପୁଣି ଥରେ ଦଳ ସହ ଯୋଗ ଦେଇଛନ୍ତି। ଲିଡ୍‌ସ ପହଞ୍ଚିବା ପରେ ଆଦୌ ସମୟ ନଷ୍ଟ ନକରି ଗମ୍ଭୀର ଦଳର ଅଭ୍ୟାସ ଅଧିବେଶନର ତଦାରଖ କରିଛନ୍ତି। ଗମ୍ଭୀରଙ୍କ ଅନୁପସ୍ଥିତିରେ ସହକାରୀ ପ୍ରଶିକ୍ଷକ ସୀତାଂଶୁ କୋଟାକ, ରିୟାନ ଟେନ୍ ଡସେଟ୍ ଓ ମର୍ଣ୍ଣି ମର୍କେଲଙ୍କ ତତ୍ତ୍ୱାବଧାନରେ ଭାରତୀୟ ଖେଳାଳିମାନେ ଅଭ୍ୟାସ କରୁଥିଲେ। ବୁଧବାର ଗମ୍ଭୀରଙ୍କ ସହ ଏହି ତିନି ଜଣ ମଧ୍ୟ ଭାରତୀୟ ଦଳର ଅଭ୍ୟାସ ଅଧିବେଶନରେ ସାମିଲ ଥିଲେ। ତା'ଛଡା ଭାରତୀୟ-ଏ' ଦଳର ପ୍ରଶିକ୍ଷକ ହୃଷିକେଶ କାନିଟକର ଏବଂ ଜାତୀୟ କ୍ରିକେଟ୍ ଏକାଡେମିର ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ ମଧ୍ୟ ଗମ୍ଭୀରଙ୍କ ଅନୁପସ୍ଥିତିରେ ଭାରତୀୟ ଦଳର ଅଭ୍ୟାସକୁ କିଛି ଦିନ ତଦାରଖ କରୁଥିଲେ।

## ଟେଷ୍ଟ କ୍ରିକେଟରୁ ଅବସର ନେଲେ ମାଥ୍ୟୁସ




ନୂଆଦିଲ୍ଲୀ, ୧୯।୬(ଏଜେନ୍ସି): ଟେଷ୍ଟ କ୍ରିକେଟ ପାଇଁ ୨୦୨୫ ବର୍ଷ ବହୁତ ଉ□ାନ-ପତନ ଦେଇ ଗତି କରୁଛି ।ଏହି ବର୍ଷ ଅନ୍ତର୍ଜାତୀୟ କ୍ରିକେଟର ଅନେକ କିମ୍ବଦନ୍ତୀ ଖେଳାଳି ଟେଷ୍ଟରୁ ଅବସର ନେଇଛନ୍ତି ।ଭାରତୀୟ କ୍ରିକେଟ ତାରକା ରୋହିତ ଶର୍ମା ତାଙ୍କର ଅବସର ଘୋଷଣା କରିଥିଲେ ଏହା ପରେ ବିରାଟ କୋହଲି ମଧ୍ୟ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ ସେହି ସମୟରେ, ଏବେ ଶ୍ରୀଲଙ୍କାର ଷ୍ଟାର ଖେଳାଳି ଆ।ଞ୍ଜେଲୋ ମାଥ୍ୟୁସ୍ ମଧ୍ୟ ଟେଷ୍ଟ କ୍ରିକେଟରୁ ଅବସର ନେଉଛନ୍ତି ।ଶ୍ରୀଲଙ୍କାର ଦଳ କଲମ୍ବୋରେ ବାଂଲାଦେଶ ସହିତ ଏକ ଟେଷ୍ଟ ମ୍ୟାଚ ଖେଳୁଛି ।ଆ।ଞ୍ଜେଲୋ ମାଥ୍ୟୁସ୍ ଆ।ଜି ନିଜ ଦେଶରଟିରେ ତାଙ୍କ ମାର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି ।ଯେତେବେଳେ ଶ୍ରୀଲଙ୍କାର ଅଭିଜ୍ଞ ଖେଳାଳି ଆ।ଞ୍ଜେଲୋ ମାଥ୍ୟୁସ୍ ତୃତୀୟ ଦିନରେ ବ୍ୟାଟିଂ କରିବାକୁ ଆ।ସିଥିଲେ, ବାଂଲାଦେଶୀ ଖେଳାଳିମାନେ ମାଥ୍ୟୁସ୍ ଙ୍କୁ 'ଗାର୍ଡ ଅଫ୍ ଅନର' ସହିତ ପଡ଼ିଆ।ରେ ସ୍ୱାଗତ କରିଥିଲେ। ବାଂଲାଦେଶର ଖେଳାଳିମାନେ ଦୁଇଟି ଧାଡ଼ିରେ ଠିଆ। ହୋଇଥିଲେ ଏବଂ ଖେଳାଳିମାନେ ପଡ଼ିଆ।ରେ ତାଳି ବଜାଇ ତାଙ୍କୁ ସ୍ୱାଗତ କରିଥିଲେ। ଅଞ୍ଜେଲୋ ମାଥ୍ୟୁସ୍ ତାଙ୍କ ଶେଷ ମ୍ୟାଚ୍ ରେ ୫୬.୫୨ ଷ୍ଟ୍ରାଇକ୍ ରେଟ୍ ରେ ୬୯ ବଲ୍ ରେ ୩୯ ରନ୍ କରିଥିଲେ। ତାଙ୍କ ଟେଷ୍ଟ କ୍ୟାରିୟରର ଏହି ଶେଷ ଇନିଂସରେ ମାଥ୍ୟୁସ୍ ତିନୋଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ମାଥ୍ୟୁସ୍ ଭଲ ବ୍ୟାଟିଂ କରୁଥିଲେ, କିନ୍ତୁ ଏହି ମ୍ୟାଚ୍ ରେ ଶ୍ରୀଲଙ୍କାର ଷ୍ଟାର ଖେଳାଳି ଅର୍ଦ୍ଧଶତକ ହାସଲ କରିବାରୁ ବଞ୍ଚିତ ହୋଇଥିଲେ। ଆ।ଞ୍ଜେଲୋ ମାଥ୍ୟୁସ୍ ତାଙ୍କର ୧୧୯ତମ ଟେଷ୍ଟ ମ୍ୟାଚ୍ ଖେଳୁଛନ୍ତି ମାଥ୍ୟୁସ୍ ତାଙ୍କ ଟେଷ୍ଟ କ୍ୟାରିୟରରେ ୮,୨୦୬ ରନ୍ କରିଛନ୍ତି।

## ଟ୍ରଫି ସହ ନଜର ଆସିଲେ ସଚିନ ଓ ଆଣ୍ଡରସନ



ନୂଆଦିଲ୍ଲୀ, ୧୯।୬ : ଇଂଲଣ୍ଡ-ଇଣ୍ଡିଆ। ଟେଷ୍ଟ ସିରିଜ ପୂର୍ବରୁ ଗୋଟିଏ କଥା ତ ସ୍ପଷ୍ଟ ଥିଲା ଯେ, ଏହି ସିରିଜର ନାଁ ଏବେ ପଟୌଦୀ ଟ୍ରଫି ହେବ ନାହିଁ ରିପୋର୍ଟରେ ଦାବି କରାଯାଉ ଥିଲା ଯେ, ଏହି ସିରିଜର ନାଁ ଭାରତର ମହାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଓ ଇଂଲଣ୍ଡର ମହାନ ଦ୍ରୁତ ବୋଲର ଜେମସ୍ ଆ।ଣ୍ଡରସନଙ୍କ ନାଁ ଅନୁସାରେ ରଖାଯିବ। ଏହା ମଧ୍ୟ ଦାବି କରାଯାଉଥିଲା ଯେ , ଉକ୍ତ ସିରିଜର ନାଁ ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ହେବ, କିନ୍ତୁ ଇଂଲଣ୍ଡ ଆଣ୍ଡ ଓ୍ୱେଲ୍ସ କ୍ରିକେଟ୍ ବୋର୍ଡ ( ଇସିବି) ଏହାର ନାଁରେ କିଛି ପରିବର୍ତ୍ତନ କରିଛି ଇସିବି ଓ ବିସିସିଆଇ ମିଶି ଏହାକୁ ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରିଛନ୍ତି।

ଇଣ୍ଡିଆ ଓ ଇଂଲଣ୍ଡ ମଧ୍ୟରେ ଖେଳା ଯିବାକୁ ଥିବା ପ୍ରତି ଟେଷ୍ଟ ସିରିଜକୁ ଏବେଠାରୁ ଆମେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି କହିବା ସଚିନ ତେନ୍ଦୁଲକର ଓ ଜେମ୍ସ ଆଣ୍ଡରସନ ନୂଆ ଟ୍ରଫିର ଉନ୍ମୋଚନ ମଧ୍ୟ କରି ଦେଇଛନ୍ତି। ଏହା ବ୍ୟତୀତ ଏହି କଥା ମଧ୍ୟ ଅଫିସିଆଲି ସ୍ପଷ୍ଟ ହୋଇ ଯାଇଛି ଯେ,ପଟୌଦୀ ପରିବାରର ସମ୍ମାନାର୍ଥେ ଏହି ଟ୍ରଫିକୁ ବିଜେତା ଅଧିନାୟକଙ୍କ ପଟୌଦୀ ପଦକ ଦିଆଯିବ। କେବଳ ଇଂଲଣ୍ଡରେ ହିଁ ନୁହେଁ, ଭାରତରେ ମଧ୍ୟ ଏହି ନାଁରେ ଏହି ଟ୍ରଫି ଜଣାଯିବ ଏବଂ ବିଜେତା ଅଧିନାୟକଙ୍କୁ ପଟୌଦୀ ମେଡାଲ ମିଳିବ।

ଇସିବି ମିଡ଼ିଆ ରିଲିଜରେ କହିଛି , ଆ।ଣ୍ଡରସନ ତେନ୍ଦୁଲକର ଟ୍ରଫି, ଇଂଲଣ୍ଡ ଓ ଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆ।ଇ) ମଧ୍ୟରେ ଏକ ମିଳିତ ପ୍ରୟାସ , ଯାହା ଏବେ ଇଂଲଣ୍ଡ ଓ ଭାରତ ମଧ୍ୟରେ ହେବାକୁ ଥିବା ସବୁ ଭବିଷ୍ୟତର ଟେଷ୍ଟ ସିରିଜର ପ୍ରତିନିଧି କରିବ ଏହା ପୂର୍ବରୁ ଇଂଲଣ୍ଡରେ ଟେଷ୍ଟ ସିରିଜ ପଟୌଦୀ ଟ୍ରଫି ଓ ଭାରତରେ ଟେଷ୍ଟ ସିରିଜ ଏନ୍ଥନୀ ଡି ମେଲୋ ଟ୍ରଫିର ନାଁରେ ଜଣାଶୁଣା ଥିଲା ହେଲେ ଏବେ ଦୁଇ ଦେଶରେ ସିରିଜ ଆ।ଣ୍ଡରସନ-ତେନ୍ଦୁଲକର ଟ୍ରଫି ହେବ।

ଆ।ପଣଙ୍କୁ କହି ରଖୁଛୁ କି, ଉକ୍ତ ଟ୍ରଫିରେ ଆ।ଣ୍ଡରସନ ଓ ତେନ୍ଦୁଲକରଙ୍କର ଆକ୍ସନର ଫଟୋ ରହିଛି, ଏହାସହ ତାଙ୍କର ସ୍ୱାକ୍ଷର ମଧ୍ୟ ଖୋଦିତ ହୋଇଛି। ଏହା ଖେଳର ସବୁଠୁ ଦୁଇ ମହାନ ଖେଳାଳିଙ୍କ ପାଇଁ ବିସିସିଆ।ଇ ଓ ଇସିବି ପକ୍ଷରୁ ଏକ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି।

## ବଲ ଟ୍ୟାମ୍ପରିଂ ଅଭିଯୋଗରୁ ଅଶ୍ୱିନ ମୁକ୍ତ

ଚେନ୍ନାଇ, ୧୯।୬: ଭାରତର ପୂର୍ବତନ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ଓ ତାଙ୍କ ନେତୃତ୍ୱାଧୀନ ଦଳ ଡିନଡିଗୁଲ ଡ୍ରାଗନ୍ସକୁ ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ୍)ରେ ବଲ ଟ୍ୟାମ୍ପରିଂ ଅଭିଯୋଗରୁ ମୁକ୍ତ କରାଯାଇଛି। ପ୍ରତିପକ୍ଷ ସେଇଚ୍‌ମ ମଦୁରାଇ ପାନ୍ଥର୍ସ ପକ୍ଷରୁ କେମିକାଲ ମିଶା ଟାଓ୍ୱେଲ ମାଧ୍ୟମରେ ବଲ ଟ୍ୟାମ୍ପରିଂ କରାଯାଇଥିବା ଅଭିଯୋଗ ଅଣାଯାଇଥିଲା। ହେଲେ ଉକ୍ତ ମ୍ୟାଚ୍‌ରେ ବଲ ଟ୍ୟାମ୍ପରିଂ କରାଯାଇଥିବାର କୌଣସି ପ୍ରମାଣ ମିଳିନଥିବା ତାମିଲନାଡୁ କ୍ରିକେଟ୍ ଆସୋସିଏଶନ (ଟିଏନ୍‌ସିଏ) ପକ୍ଷରୁ କୁହାଯାଇଛି। ପ୍ରଶ୍ନ ଉଠାଯାଉଥିବା ଟାଓ୍ୱେଲକୁ ଟିଏନ୍‌ସିଏ ଦ୍ୱାରା ଉଭୟ ଦଳକୁ ଦିଆଯାଇଛି। ମ୍ୟାଚ୍ ରେଫରି ଓ ଅମ୍ପାୟରଙ୍କ ସମେତ ଖେଳକୁ ନିୟନ୍ତ୍ରଣ କରୁଥିବା ଦଳର ତତ୍ତ୍ୱାବଧାନରେ ପୂରା ମ୍ୟାଚ୍ ଖେଳାଯାଇଥିଲା।

ମ୍ୟାଚ୍ ବେଳେ କୌଣସି ଚିନ୍ତା ପ୍ରକଟ କରାଯାଇ ନ ଥିଲା ଏବଂ କୌଣସି ପ୍ରମାଣ ମଧ୍ୟ ପ୍ରଦାନ କରାଯାଇ ନ ଥିଲା। ଏଣୁ ଅଭିଯୋଗ କାଳ୍ପନିକ ଏବଂ ପରାଜୟ ପରେ କରାଯାଇଥିବା ଜଣାପଡୁଛି ବୋଲି ଟିଏନ୍‌ପିଏଲ୍ ସିଇଓ ପ୍ରଶନ୍ନ କାନନ କହିଛନ୍ତି। ଟିଏନ୍‌ସିଏ ପକ୍ଷରୁ ପ୍ରତ୍ୟେକ ଦଳକୁ ବଲକୁ ସୁଖାଇବା ପାଇଁ ଟାଓ୍ୱେଲ ଦିଆଯାଇଛି। ଅମ୍ପାୟରଙ୍କ ଉପସ୍ଥିତିରେ ବଲକୁ ପୋଛା ଯାଏ।

## ନାରାୟଣପୁର ଚାମ୍ପିୟନ

ଦିଗପହଣ୍ଡି, ୧୯।୬: ଦିଗପହଣ୍ଡି ବ୍ଲକ ଗଡଗୋବିନ୍ଦପୁର ଗ୍ରାମସ୍ଥିତ ଶ୍ରୀରଘୁନାଥ ମଠ ଖେଳପଡିଆରେ ଗତ ୨ ଦିନ ଧରି ଚାଲିଥିବା ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶାସ୍ତ୍ରିଜୀ ପାଠାଗାର ଯୁବକ ସଂଘ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା।

ଟୁର୍ନାମେଣ୍ଟରେ ବ୍ଲକର ବିଭିନ୍ନ ଗ୍ରାମରୁ ୮ଟି ଭଲିବଲ ଟିମ୍? ଅଂଶଗ୍ରହଣ କରିଥିଲେ। ସୋମବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଭ୍ରମରପୁର ପଞ୍ଚାୟତର ନାରାୟଣପୁର ଭଲିବଲ ଟିମ୍ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଗାଇଡା ଗ୍ରାମ ଭଲିବଲ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଗାଇଡା ଟିମ୍‌କୁ ୨-୦ ସେଟ୍?ରେ ହରାଇ ନାରାୟଣପୁର ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ ତଥା ବ୍ରହ୍ମପୁର ଏମ୍‌ପି ପ୍ରତିନିଧି କେ. ହରିବନ୍ଧୁ ରେଡ୍ଡୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମିତିସଭ୍ୟ ସୁଦାମ ରେଡ୍ଡୀ, ଅବସରପ୍ରାପ୍ତ ଶିକ୍ଷକ ମୁରଲୀ ପ୍ରଧାନ, ତ୍ରିନାଥ ସାହୁ, ଅଭିମନ୍ୟୁ ସେଠୀ, ରାଜେନ୍ଦ୍ର ରେଡ୍ଡୀ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଚାମ୍ପିୟନ ନାରାୟଣପୁର ଟିମ୍ ଏବଂ ରନର୍ସ ଅପ୍ ଟିମ୍‌କୁ ଅତିଥିମାନେ ପୁରସ୍କୃତ କରିଥିଲେ। କେ. କାମେଶ୍ୱର ରେଡ୍ଡୀ ଓ କ୍ଷମରାଜ ପାଢ଼ୀ ରେଫରି ଦାୟିତ୍ୱ ତୁଲାଇଥିଲେ।

## ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ୧୯୦

ନୂଆଦିଲ୍ଲୀ, ୧୯।୬ ସଦ୍ୟ ସମାପ୍ତ ଆଇପିଏଲ୍‌ର ଚର୍ଚ୍ଚିତ ଯୁବ ଖେଳାଳି ବେ?ଭବ ସୂର୍ଯ୍ୟବଂଶୀ ଗୁରୁବାର ଆଉ ଏକ ବିସ୍ଫୋରକ ପାଳି ଖେଳି ଚର୍ଚ୍ଚାକୁ ଆସିଛନ୍ତି। ମାତ୍ର ୧୪ ବର୍ଷରେ ଆଇପିଏଲ୍ ପଦାର୍ପଣ କରିଥିବା ସୂର୍ଯ୍ୟବଂଶୀ ନିଜ ଦ୍ୱିତୀୟ ପାଳିରେ ହିଁ ୩୫ ବଲ୍‌ରୁ ଶତକ ହାସଲ କରି ଲିଗ୍ ଇତିହାସରେ ଦ୍ୱିତୀୟ ଦ୍ରୁତତମ ସାବ୍ୟସ୍ତ ହୋଇଥିଲେ। ଗୁରୁବାର କିନ୍ତୁ ସେ ବେଙ୍ଗାଲୁରୁସ୍ଥିତ ବିସିସିଆଇର ସିଓଇ (ସେଣ୍ଟର୍ ଅଫ୍ ଏକ୍ସଲେନ୍ସ)ରେ ଖେଳାଯାଇଥିବା ଅଭ୍ୟାସ ମ୍ୟାଚ୍?ରେ ମାତ୍ର ୯୦ ବଲ୍‌ରୁ ୧୯୦ ରନ୍ ସଂଗ୍ରହ କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଭାରତୀୟ ୧୯ ବର୍ଷରୁ କମ୍ ଦଳର ଶିବିର ଅବସରରେ ସେ ଏହି ପାଳି ଖେଳିଛନ୍ତି, ଯାହାର ଭିଡିଓ ଏବେ ଭାଇରାଲ୍ ହେବାରେ ଲାଗିଛି। ଆଇପିଏଲ୍‌ରେ ସେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳି ଲକ୍ଷ୍ନୌସୁପର୍ ଜାଏଣ୍ଟ୍?ସ ବିପକ୍ଷରେ ୩୮ ବଲ୍‌ରୁ ୧୦୧ ରନ୍ ସଂଗ୍ରହ କରିବା ସହ ଏକାଧିକ ବିସ୍ଫ?ରକ ପାଳି ଖେଳିଥିଲେ।



ପଦାର୍ପଣରେ ସେ ସମ୍ମୁଖୀନ ହୋଇଥିବା ପ୍ରଥମ ବଲ୍?ରେ ଶାର୍ଦ୍ଦୁଲ ଠାକୁରଙ୍କୁ ବି ଛକା ମାରି ତତ୍?କ୍ଷଣାତ ପ୍ରଭାବ ଛାଡିଥିଲେ। ସିଜନ୍ ଶେଷ ବେଳକୁ ୭ ମ୍ୟାଚ୍?ରୁ ୨୫୨ ରନ୍ ସଂଗ୍ରହ କରି ଅନ୍ୟତମ ଶ୍ରେଷ୍ଠ ଯୁବ ଖେଳାଳିର ଗେ?ରବ ପାଇଛନ୍ତି। ସୂର୍ଯ୍ୟବଂଶୀଙ୍କ ପ୍ରଭାବୀ ପ୍ରଦର୍ଶନ ?କେବଳ ଟି-୨୦ରେ ସୀମିତ ରହିନାହିଁ। ପୂର୍ବରୁ ସେ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳ ବିପକ୍ଷ ୪ ଦିନିଆ ମ୍ୟାଚ୍‌ରେ ୫୮ ବଲ୍‌ରୁ ଶତକ ଏବଂ ୨୦୨୪ ଏସିସି ଏସିଆ କପ୍(୧୯ ବର୍ଷରୁ କମ୍)ରେ ଭାରତର ଫାଇନାଲ୍ ପ୍ରବେଶରେ ପ୍ରମୁଖ ଭୂମିକା ନେଇଥିଲେ।

## ଷ୍ଟାଡିୟମ୍‌ରେ ଢକ ଢକ କରି ମଦ ପିଇଲେ ମାର୍କ୍ରମ

ନୂଆଦିଲ୍ଲୀ, ୧୯।୬: ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଐତିହାସିକ ବିଜୟ ପରେ, ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ ପଡ଼ିଆରେ ହିଁ ସେଲିବ୍ରେଶନ କରିଥିଲା। ଦଳର ଅଧିନାୟକ ଟେମ୍ବା ବାଭୁମା ସମ୍ପୂର୍ଣ୍ଣ ସମୟ ପାଇଁ ବିଜୟୀ ଟ୍ରଫି ନିଜ ପାଖରେ ରଖିଥିବା ଦେଖାଯାଇଥିଲା ଏବଂ ଏହାକୁ ସେ ତଳେ ଆଦୌ ରଖୁ ନଥିଲେ। ମ୍ୟାନ୍ ଅଫ ଦି ମ୍ୟାଚ୍ ଏଡେନ ମାର୍କ୍ରାମ ଏପରି କିଛି କରିଥିଲେ ଯାହା ଆଲୋଚନାର ବିଷୟ ପାଲଟିଛି। ବିଜୟ ପରେ ଆଫ୍ରିକୀୟ ଖେଳାଳି ଏଡେନ ମାର୍କ୍ରାମ ଗ୍ୟାଲେରୀରେ ପହଞ୍ଚି ସେଠାରେ ଉପସ୍ଥିତ ଜଣେ ବ୍ୟକ୍ତିଙ୍କଠାରୁ ବିୟର ବୋତଲ ନେଇ ପିଇବା ଆରମ୍ଭ କରିଥିଲେ। ଏହି ସମ୍ପୂର୍ଣ୍ଣ ଦୃଶ୍ୟ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକମାନେ ଦେଖିଥିଲେ ଏବଂ କିଛି ସମୟ ମଧ୍ୟରେ ଏହାର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ପରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି ଯେ, ଜଣେ କ୍ରିକେଟର୍ ପଡ଼ିଆରେ କିମ୍ବା ମ୍ୟାଚ୍ ସମୟରେ ମଦ୍ୟପାନ କରିପାରିବେ କି ? ଏବଂ ଏଥିପାଇଁ ତାଙ୍କୁ ଦଣ୍ଡ ଦିଆଯାଇପାରିବ କି ?

ଡବ୍ଲୁଟିସି ଫାଇନାଲ ପରେ ସାମ୍ବାଦିକ ସମ୍ମିଳନୀରେ ଏ ବିଷୟରେ ପଚରାଯିବାରୁ ମାର୍କମ କହିଥିଲେ,ସେହି ବ୍ୟକ୍ତି ମୋର ସ୍କୁଲ ବନ୍ଧୁ ଥିଲେ। ସେ ମୋତେ ଡାକିଥିଲେ, କିନ୍ତୁ ବହୁତ ଶବ୍ଦ ହୋଇଥିଲା। ତା'ପରେ ସେ ମୋତେ ତାଙ୍କ ପାଖକୁ ଡାକି ବିୟର ଦେଖାଇଲେ। ମୁଁ ଭାବିଲି, କିଛି ଚିନ୍ତା ନାହିଁ, ଏହା କେବଳ ବିୟର, ତେଣୁ ମୁଁ ଗୋଟିଏ କିମ୍ବା ଦୁଇଟି ସିପ ପିଇଲି। ଏହା ସେହି ଦିନର ମୋର ପ୍ରଥମ ବିୟର ଥିଲା ଏବଂ ମୁଁ ଭବିଷ୍ୟତରେ ଆହୁରି ପିଇବାକୁ ଆଶା କରୁଛି।

ଆଇସିସି ଖେଳାଳିମାନଙ୍କ ବୃତ୍ତିଗତ ଆଚରଣ ସମ୍ପର୍କରେ ଏକ ଆଚରଣ ସଂହିତା ପ୍ରସ୍ତୁତ କରିଛି, ଯେଉଁଥିରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ, ଖେଳ ସମୟରେ ଯେକୌଣସି ପ୍ରକାରର ନିଶା କଡ଼ା ନିଷେଧ। ତଥାପି, ଓଡଉ ଦ୍ୱାରା ବିୟର ଭଳି ମଦ୍ୟପାନ ଉପରେ କୌଣସି ସିଧାସଳଖ ପ୍ରତିବନ୍ଧକ ନାହିଁ। ଖେଳାଳି ମ୍ୟାଚ୍ ପରେ ଏହାକୁ ସେବନ କରନ୍ତି। ଓଡଉ ର ଡୋପିଂ ବିରୋଧୀ ନୀତି କହେ ଯେ, ଖେଳ ସମୟରେ ଖେଳାଳିମାନେ ଶାରୀରିକ ଏବଂ ମାନସିକ ଭାବରେ ସୁସ୍ଥ ରହିବା ଉଚିତ, କିନ୍ତୁ ବିୟର ଭଳି ପାନୀୟ ବିଶ୍ୱ ଡୋପିଂ ବିରୋଧୀ ଏଜେନ୍ସି (ନାହା)କ୍ରିକେଟ ପାଇଁ ନିଷିଦ୍ଧ ତାଲିକାରେ ଅନ୍ତର୍ଭୁକ୍ତ ନୁହେଁ, ସେଗୁଡ଼ିକ କେବଳ କିଛି ଖେଳରେ (ଯେପରିକି ଦୌଡ଼) ନିଷେଧ। ପ୍ରତ୍ୟେକ ଦେଶ ଏବଂ ପରିସ୍ଥିତି ଅନୁସାରେ ଆଇସିସି ନିୟମ ଭିନ୍ନ। ଭାରତ, ପାକିସ୍ତାନ ଏବଂ ବାଂଲାଦେଶ ଭଳି ଦେଶରେ, ଷ୍ଟାଡିୟମରେ ମଦ୍ୟପାନ ଏବଂ ବିକ୍ରୟ କଡ଼ାକଡ଼ି ନିଷେଧ। ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକାରେ, ଦର୍ଶକଙ୍କ ଉପରେ ଏପରି କୌଣସି ପ୍ରତିବନ୍ଧକ ନାହିଁ। ଦର୍ଶକଙ୍କୁ ଏକ ସୀମା ପର୍ଯ୍ୟନ୍ତ ବିୟର ପିଇବାକୁ ଅନୁମତି ଦିଆଯାଇଛି, କିନ୍ତୁ ଆଇସିସି ଖେଳ ସମୟରେ ଖେଳାଳିମାନଙ୍କୁ ମଦ୍ୟପାନ କରିବାକୁ ଅନୁମତି ଦିଏ ନାହିଁ।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ